ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26. No.256 Bhubaneswar Wednesday Nov 22, 2023 ୨୬ତମ ବର୍ଷ ସଂଖ୍ୟା-୨୫୬ ଭୁବନେଶ୍ୱର, ବୁଧବାର,ନଭେମ୍ବର ୨୨,୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ବାଦାମପାହାଡ଼ ରେଳ ଷ୍ଟେସନରୁ ୩ଟି ନୂଆ ଟ୍ରେନର ଶୁଭାରମ୍ଭ କଲେ ରାଷ୍ଟ୍ରପତି

## ନୂଆ ରାଇରଙ୍ଗପୁର ଡାକ ଡିଭିଜନ ଉଦଘାଟିତ; ରାଇରଙ୍ଗପୁର ଡାକ ଡିଭିଜନର ସ୍ୱତନ୍ତ୍ର ସ୍ମାରକୀ ଲଫାପା ଉନ୍ମୋଚନ



**ବାରିପଦା (ପିଏନ):**ମଙ୍ଗଳବାର ଦିନ ବାମନଘାଟି ଉପଖଣ୍ଡସ୍ଥ ବାଦାମପାହାଡ ରେଲୱେ ଷ୍ଟେସନରେ ତିନୋଟି ନୂତନ ଟ୍ରେନ ଚ଼ଳାଚ଼ଳ ଶୁଭାରମ୍ଭ କରିବା ସହିତ ପୋଷ୍ଟାଲ ବିଭାଗର ସ୍ୱତନ୍ତ୍ର ସ୍ମାରକୀ ଲଫଂପା ଉନ୍ମୋଚ଼ନ ଏବଂ ସ୍ୱତନ୍ତ୍ର ରାଇରଙ୍ଗପୁର ପୋଷ୍ଟାଲ୍ ଡିଭିଜନ ଉଦ୍ଘାଟନ କରିଥିଲେ। ଏହି ତିନୋଟି ଟ୍ରେନ ଯଥାକ୍ରମେ ଟାଟାନଗର୍- ବାଦାମପାହାଡ଼ ମେମୁ, ବାଦାମପାହାଡ଼ -ରାଉରକେଲା ଏକ୍ସପ୍ରେସ, ଆଜି ମହାମହିମ ରାଷ୍ଟ୍ରପତି ଓ ଓଡ଼ିଶା ର ରାଜ୍ୟପାଳ ଶ୍ରୀ ରଘୁବର ଦାସ ସବୁଜ ପତାକା ଦେଖାଇ ବାଦାମ ପାହାଡ ରେଲୱେ ଷ୍ଟେସନ ଠାରୁ ଶୁଭାରମ୍ଭ କରିଥିଲେ। ମହାମହିମ ରାଷ୍ଟ୍ରପତି ମଂଞ୍ଚ ଉପରକୁ ଆସିବା ଆଗରୁ ପ୍ରସ୍ତୁତ ହୋଇ ରହିଥିବା ଲୋକ କଳାକାର ମାନେ ମାନ୍ୟବର, କେନ୍ଦ୍ର ଶିକ୍ଷା ତଥା ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳ ମନ୍ତ୍ରୀ ତଥା ସୂଚ଼ନା ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଶ୍ୱେଶ୍ୱର ଟୁଡୁ, ଏବଂ ଓଡ଼ିଶା ରାଜ୍ୟ ଗଣଶିକ୍ଷା ତଥା ରାଜସ୍ୱ ବିଭାଗ ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡିଙ୍କୁ ମୟୂରଭଞ୍ଜ ର ପାରମ୍ପରିକ ବାଦ୍ୟ ଧ୍ୱନି ତାଳେ ତାଳେ ସ୍ୱାଗତ କରି ମଞ୍ଚ ଉପରକୁ ପାଛୋଟି ଆଣି ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁ ମଞ୍ଚ ଉପରକୁ ଆସି ଥିବା ସମୟ ରେ ସମସ୍ତ ଜନସମାବେଶ ସେଠାରେ ଦଣ୍ଡାୟମାନ ହୋଇ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହି ସମାବେଶକୁ ସମ୍ୱୋଧିତ କରି ରାଷ୍ଟ୍ରପତି କହିଛନ୍ତି ଯେ ଯେକୌଣସି କ୍ଷେତ୍ରର ବିକାଶ ସେହି ଅଞ୍ଚଳର ସଂଯୋଗ ଉପରେ ନିର୍ଭର କରେ। ସେ ରେଳ, ସଡକ କିମ୍ବା ଡାକ ସେବା ହେଉ - ଏହି ସମସ୍ତ ସେବା ଲୋକଙ୍କ ଜୀବନକୁ ସହଜ କରିଥାଏ। ସେ କହିଛନ୍ତି ଯେ ଆଜି ଆରମ୍ଭ ହୋଇଥିବା ତିନୋଟି ଟ୍ରେନ୍ ସ୍ଥାନୀୟ ଲୋକଙ୍କୁ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗ ପରି ପଡୋଶୀ ରାଜ୍ୟ ସହ ଯୋଗାଯୋଗରେ ସାହାଯ୍ୟ କରିବ।

ରାଷ୍ଟ୍ରପତି କହିଛନ୍ତି ଯେ ମୋବାଇଲ୍ ଫୋନ୍ ଏବଂ କ୍ୟୁରିଅର୍ ସେବାଗୁଡିକର ବୃଦ୍ଧି ଧାରା ସତ୍ୱେ ଇଣ୍ଡିଆ ପୋଷ୍ଟ ଏହାର ପ୍ରାସଙ୍ଗିକତା ହରାଇ ନାହିଁ। ରାଇରଙ୍ଗପୁରରେ ଏକ ନୂତନ ଡାକ ବିଭାଗର ଉଦଘାଟନ ଏହି ଅଞ୍ଚଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ସେ କହିଛନ୍ତି ଯେ ଏହି ଅଞ୍ଚଳର ଲୋକମାନେ ବର୍ତ୍ତମାନ ଡାକ ସେବା ସହଜରେ ପାଇପାରିବେ।

' କେନ୍ଦ୍ର ସରକାର ଆଦିବାସୀ ସମ୍ପ୍ରଦାୟର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ୨୦୧୩-୧୪ ଆର୍ଥିକ ବର୍ଷ ବଜେଟ୍ ତୁଳନାରେ ବର୍ତ୍ତମାନର ବଜେଟରେ ପ୍ରାୟ ତିନି ଗୁଣ ବୃଦ୍ଧି ଘଟିଛି। ଆଦିବାସୀ ଲୋକଙ୍କ ବିକାଶ ବିନା ଦେଶର ବିକାଶ ଅସମ୍ପୂର୍ଣ୍ଣ। ସେଥିପାଇଁ ସରକାର ଆଦିବାସୀ ସମ୍ପ୍ରଦାୟର ବିକାଶକୁ ପ୍ରାଥମିକତା ଦେଉଛନ୍ତି। ସରକାରଙ୍କ ଯୋଜନାର ସୁଯୋଗ ନେବାକୁ ସେ ଆଦିବାସୀ ଯୁବକମାନଙ୍କୁ ଅନୁରୋଧ କରୁଛି,' ରାଷ୍ଟ୍ରପତି ନିଜ ଅଭିଭାଷଣରେ କହିଥିଲେ।

ସେ ଏହା ମଧ୍ୟ କହିଛନ୍ତି ଯେ ଆତ୍ମ ବିକାଶ ପାଇଁ ସମସ୍ତଙ୍କର ପ୍ରୟାସ ମଧ୍ୟ ଆବଶ୍ୟକ। ତେଣୁ, ଯୁବକମାନେ ନିଜ ଜୀବନରେ ଆଗକୁ ବଢ଼ାଇବାକୁ ଚେଷ୍ଟା କରିବା ଉଚ଼ିତ୍ ।

ରାଷ୍ଟ୍ରପତି କହିଥିଲେ ଯେ ପିଭିଟିଜି ବା ଅତି ପଛୁଆ ଆଦିବାସୀ ସମାଜର ବିକାଶ ପାଇଁ କେନ୍ଦ୍ର ସରକାର ଚ଼ଳିତ ବର୍ଷ ଜନଜାତୀୟ ଗୌରବ ଦିବସ ଅବସରରେ ପିଏମ୍ ଜନମନ (ପ୍ରଧାନମନ୍ତ୍ରୀ- ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ) ଆରମ୍ଭ କରିଛନ୍ତି। ଆଦିବାସୀ ଭାଇ ଭଉଣୀଙ୍କ ଉନ୍ନତି ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ଏହି ପଦକ୍ଷେପ ଅମୃତ କାଳରେ ଲୋକଙ୍କୁ ବିକାଶ ସହିତ ଯୋଡ଼ିବା ସହ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ।

ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ରେ ଓଡିଶା ର ମାନ୍ୟବର ରାଜ୍ୟପାଳ ଶ୍ରୀ ରଘୁବର ଦାସ, ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ପ୍ରମୁଖ ଙ୍କ ସମେତ ରାଷ୍ଟ୍ରପତି ଭବନ ର ଉଚ୍ଚପଦସ୍ଥ ଅଧିକାରୀ, ଭାରତୀୟ ରେଳବାଇ ଏବଂ ଭାରତୀୟ ପୋଷ୍ଟ ର ବିଭିନ୍ନ ଅଧିକାରୀ ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ପଦସ୍ଥ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଗଣମାଧ୍ୟମ ରେ ଉକ୍ତ କାର୍ଯ୍ୟକ୍ରମ ର ଆବଶ୍ୟକୀୟ ପ୍ରଚ଼ାର ଓ ପ୍ରସାର ପାଇଁ ସୂଚ଼ନା ଓ ଲୋକ ସମ୍ପର୍କ ବିଭାଗ ସେଣ୍ଟ୍ରାଲ ଡିଭିଜନ କଟକ ର ଉପ ନିର୍ଦ୍ଦେଶକ ତଥା ଯୋଗସୂତ୍ର ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ ଙ୍କ ତତ୍ୱାବଧାନ ରେ ସୂଚ଼ନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଆନୁସଙ୍ଗିକ ଅଡିଓ ଭିଜୁଏଲ ର ବ୍ୟବସ୍ଥା କରାଯାଇଥିଲା

ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମ ପରେ ରାଷ୍ଟ୍ରପତି, ନୂତନ ବାଦାମପାହାଡ - ଶାଳିମାର ଏକ୍ସପ୍ରେସରେ ବାଦାମପାହାଡ ରୁ ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିଥିଲେ।

# ଗଣତନ୍ତ୍ରକୁ ସୁଦୃଢ କରିବା ଓ ଜନତାଙ୍କ କଲ୍ୟାଣ ଦିଗରେ ଡିଜିଟାଲ୍ ଟେକ୍ନୋଲୋଜିର ଉପଯୋଗ କରାଯାଉ : ବିଶ୍ୱଭୂଷଣ ହରିଚ଼ନ୍ଦନ

ଭୁବନେଶ୍ୱର: 'ଡିଜି-ଟେକ୍, ମିଡିଆ ଏବଂ ଗଣତନ୍ତ୍ର' ବିଷୟବସ୍ତୁ ଉପରେ ଆଧାରିତ ସପ୍ତମ ଜାତୀୟ ମିଡିଆ କନକ୍ଲେଭ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ଦେଶର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ମାନେ ଯୋଗ ଦେଇ ଗଣମାଧ୍ୟମ, ଗଣତନ୍ତ୍ର, ଯୋଗାଯୋଗ କ୍ଷେତ୍ରର ଏକ ରୋଡମ୍ୟାପ ପ୍ରସ୍ତୁତ କରିଛନ୍ତି।

ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ (ଆଇଏମ୍ଏସ୍) ପକ୍ଷରୁ ଆୟୋଜିତ, ଉତ୍କଳ ବିଶ୍ୱବିଦ୍ୟାଳୟ ସହଭାଗିତାରେ କିମ୍ସ ଅଡିଟୋରିୟମରେ ଅନୁଷ୍ଠିତ ଏହି ତିନିଦିନିଆ ମିଡ଼ିଆ ମହାକୁମ୍ଭକୁ ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରଚ଼ନ୍ଦନ ଉଦ୍ଘାଟନ କରି ଗଣତନ୍ତ୍ରକୁ ସୁଦୃଢ କରିବା ଓ ଜନମାନସର କଲ୍ୟାଣ ଦିଗରେ ଡିଜିଟାଲ୍ ଟେକ୍ନୋଲୋଜିର ଉପୋଯୋଗ କରିବାକୁ ଆହ୍ୱାନ ଦେଇଥିଲେ।




ଶ୍ରୀ ହରିଚ଼ନ୍ଦନ ତାଙ୍କ ବକ୍ତବ୍ୟରେ ଗଣତନ୍ତ୍ର ଓ ପ୍ରେସ୍ ସ୍ୱାଧୀନତା ରକ୍ଷାରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଜାତୀୟ ଜରୁରୀକାଳୀନ ପରିସ୍ଥିତି ସମୟରେ ଡକ୍ଟର ମହତାବ 'ଗାଁ ମଜଲିସ୍' ସ୍ତମ୍ଭ ମାଧ୍ୟମରେ ବାର୍ତ୍ତା ବାଢ଼ିଥିଲେ ଯେ ଗଣତନ୍ତ୍ର କେବେ ମରିପାରିବ ନାହିଁ ଏବଂ ନାଗରିକଙ୍କ ଅଧିକାର କ୍ଷୁର୍ଣ୍ଣ ହୋଇପାରିବ ନାହିଁ ବୋଲି ଶ୍ରୀ ହରିଚ଼ନ୍ଦନ କହିଥିଲେ । ଜାତୀୟ ଗଣମାଧ୍ୟମ କନକ୍ଲେଭ ଅଧ୍ୟକ୍ଷ ତଥା ଆଇଏମ୍ଏସ୍ ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ସ୍ୱାଗତ ଭାଷଣରେ କନକ୍ଲେଭର ବିଷୟବସ୍ତୁ ଓ ସାମାଜିକ କଲ୍ୟାଣ ଦିଗରେ ଏହାର ବ୍ୟବହାର ଉପରେ ଆଲୋକପାତ କରିଥିଲେ।ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚ଼ାର୍ଯ୍ୟ କନକ୍ଲେଭରେ ସଭାପତିତ୍ୱ କରି କହିଥିଲେଯେ ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା ଗଣମାଧ୍ୟମ ଜନସାଧାରଣଙ୍କ ବ୍ୟାପକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରି ଗଣତନ୍ତ୍ରକୁ ସୁଦୃଢ କରିପାରିବ।ମଣିପାଲ ଏକାଡେମୀ ଅଫ ହାୟର ଏଜୁକେସନର ପ୍ରଫେସର ବି. ପି. ସଞ୍ଜୟ ପ୍ରାରମ୍ଭିକ ଭାଷଣରେ ଡିଜି-ଟେକ ବିଶ୍ୱ ସମ୍ପର୍କରେ ଆଲୋଚ଼ନା କରିଥିଲେ।ଏସିଆନ ମିଡିଆ ଇନଫରମେସନ ଆଣ୍ଡ କମ୍ୟୁନିକେସନ ସେଣ୍ଟର (ଏଏମଆଇସି) ମହାସଚ଼ିବ ପ୍ରଫେସର ରାମୋନ ଗୁଇଲେରର୍ମ ଆର ଟ୍ୟୁଜନ ତାଙ୍କ ଅଭିଭାଷଣରେ ଖାଦ୍ୟସୁରକ୍ଷା,ଜଳବାୟୁ ପରିବର୍ତ୍ତନ ଓ କୃଷି ଉତ୍ପାଦନ କ୍ଷେତ୍ରରେ ଡ଼ିଜି-ଟେକ ର ଉପଯୋଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ପ୍ରଫେସର ଭି.ଏଲ୍. ଧାରୁରକରଙ୍କ ଦ୍ୱାରା ଲିଖିତ 'ନ୍ୟାସନାଲ୍ ଏଜୁକେସନ୍ ପଲିସି: ଟ୍ରାନ୍ସଫର୍ମିଙ୍ଗ ଇଣ୍ଡିଆ' ଓ ପ୍ରଫେସର ଫକୀର ମୋହନ ନାହାକଙ୍କ ଦ୍ୱାରା ଲିଖିତ 'ହେଲ୍ଥ କମ୍ୟୁନିକେସନ୍' ଓ 'ଗାଁ କଥା' ପୁସ୍ତକ ଉନ୍ମୋଚ଼ିତ ହୋଇଥିଲା।

# ଜୁଆଙ୍ଗ ଆଦିବାସୀ ମୃତ୍ୟୁ ମାମଲା

## ଉପଯୁକ୍ତ ପଦକ୍ଷେପ ପାଇଁ ସ୍ୱାସ୍ଥ୍ୟ ସଚ଼ିବଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର(ପିଏନ):**ଅପହଞ୍ଚ ସ୍ୱାସ୍ଥ୍ୟ ସେବା ଓ ସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁଁ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଗୋନାସିକା ପଞ୍ଚାୟତର ଜନ୍ତାରି ଗାଁରେ ଗତ ପାଞ୍ଚ ମାସ ଭିତରେ ୯ ଜଣ ଜୁଆଙ୍ଗ ଆଦିବାସୀଙ୍କ ମୃତ୍ୟୁ ଘଟଣାରେ ଜାତୀୟ ମାନବିକ ଅଧିକାର କମିସନ(ଏନ୍ଏଚ୍ଆରସି) ଅବଗତ ହୋଇଛନ୍ତି। ଏନେଇ ଏନ୍ଏଚ୍ଆରସି ରାଜ୍ୟ ସ୍ୱାସ୍ଥ୍ୟ ସଚ଼ିବଙ୍କୁ ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦୁଝର ଜିଲ୍ଲା ବଂଶପାଳ ବ୍ଲକ ଜନ୍ତାରି ଗ୍ରାମ ଠାରୁ ୧୫ କିଲୋମିଟର ଦୂରରେ ଗୋନାସିକା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ସେହିପରି ଏହି ଗାଁ ଠାରୁ ୪୦ କିଲୋମିଟର ଦୂରରେ ବଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଥିବାରୁ ଲୋକେ ଏତେ ଦୂର ଆସିପାରୁ ନାହାଁନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ଅକାଳରେ ମୃତ୍ୟୁ ବରଣ କରୁଛନ୍ତି। ବିଗତ ଦିନରେ ୫ ମାସ ମଧ୍ୟରେ ୯ ଜଣ ଜୁଆଙ୍ଗ ଆଦିବାସୀଙ୍କର ମୃତ୍ୟୁ ହୋଇଥିଲା। ଏଥିର ୬ ବର୍ଷର ଶିଶୁ ମଧ୍ୟ ସାମିଲ ଥିଲା। ଏବେ ବି ଏହି ଗାଁରେ ୧୦ରୁ ଅଧିକ ଲୋକ ଜ୍ୱରରେ ଆକ୍ରାନ୍ତ ହୋଇ ପଡି ରହିଛନ୍ତି। ଏହି ଘଟଣାକୁ ଗୁରୁତ୍ୱପୂର୍ଣ୍ଣ ମନେ କରି ହାଇକୋର୍ଟର ଆଇନଜୀବୀ ଶ୍ରୀ ଅଖଣ୍ଡ ଗତ ୮ ତାରିଖରେ ଜାତୀୟ ମାନବିକ ଅଧିକାର କମିସନଙ୍କ ନିକଟରେ ଏକ ପିଟିସନ ଦାଖଲ କରିଥିଲେ। ଏହାକୁ ବିଚ଼ାର କରି ଆଠ ସପ୍ତାହ ମଧ୍ୟରେ ଏହି ଘଟଣାର ତଦନ୍ତ କରିବା ସହ ଉପଯୁକ୍ତ ପଦକ୍ଷେପ ନେବାକୁ କମିସନ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# ୪ ବାୟୁସେନା ବିମାନରେ ରାଉରକେଲାରୁ ଉତ୍ତରକାଶୀ ଗଲା ୨୪ ପାଇପ୍



**ରାଉରକେଲା(ପିଏନ):** ଉତ୍ତରାଖଣ୍ଡର ଉତ୍ତରକାଶୀର ସୁଡଙ୍ଗ ଭିତରେ ଫସିରହିଥିବା ଶ୍ରମିକଙ୍କୁ ଉଦ୍ଧାର କରିବାକୁ ମଙ୍ଗଳବାର ପୁଣି ଆର୍ଏସ୍ପି ଉତ୍ପାଦିତ ପାଇପ୍ ପଠାଯାଇଛି। ବାୟୁସେନାର ଦୁଇଟି ସି-୧୩୦ ଜେ ସୁପର ହର୍କ୍ୟୁଲସ୍ ବିମାନରେ ସ୍ପାଇରାଲ୍ ୱେଲ୍ଡ ପାଇପ୍ ପଠାଯାଇଥିଲା। ଗତ ଦୁଇ ଦିନରେ ପାଖାପାଖି ୪୦ ଟନ୍ ବିଶିଷ୍ଟ ୨୪ଟି ପାଇପ୍ ପଠାଯାଇଥିବା ଜଣାପଡିଛି।

ସୋମବାର ପ୍ରଥମ ଦିନରେ ଦୁଇଟି ବିମାନରେ ୧୨ଟି ପାଇପ୍ ପଠାଯାଇଥିବାବେଳେ ଆଜି ମଧ୍ୟ ଦୁଇଟି ବିମାନରେ ଅବଶିଷ୍ଟ ୧୨ଟି ପାଇପ୍ ପ୍ରେରଣ କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ସାଢେ଼୯ଟାରେ ପ୍ରଥମ ବିମାନ ଓ ମଧ୍ୟାହ୍ନ ପ୍ରାୟ ସା??୧୨ଟାରେ ଦ୍ୱିତୀୟ ବିମାନ ପାଇପ୍ ନେଇ ଦେହରାଡୁନ ଅଭିମୁଖେ ବାହାରିଥିଲା। ରାଉରକେଲାରୁ ଯାଇଥିବା ପାଇପ୍ ଗନ୍ତବ୍ୟସ୍ଥଳରେ ପହଞ୍ଚିସାରିଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ, ପ୍ରତ୍ୟେକ ବିମାନରେ ୬ଟି ଲେଖାଏ ପାଇପ୍ ପରିବହନ କରାଯାଇଥିଲା। ଏହାର ମୋଟେଇ ୨୮/୩୨ ଇଞ୍ଚ ଲେଖାଏ ଥିବାବେଳେ ଲମ୍ୱ ୨୦ ବିଶିଷ୍ଟ ଥିଲା। ତେବେ ନିର୍ଦ୍ଦିଷ୍ଟ ଗୋଟିଏ ଓଜନ ବିଶିଷ୍ଟ ପାଇପ୍ ପଠାଯାଇନି; ବରଂ ଦୁଇ ପ୍ରକାର, ଯଥା ୧.୮ ଟନ୍ ଓ ୧.୪ ଟନ୍ ବିଶିଷ୍ଟ ପାଇପ୍ ହିଁ ଉଦ୍ଧାର କାର୍ଯ୍ୟ ପାଇଁ ଯାଇଛି। ସାଇ ସିଦ୍ଧାର୍ଥ ଲଜିଷ୍ଟିକ୍ସ ପକ୍ଷରୁ ଆର୍ଏସ୍ପି ଭିତରୁ ହାଇଡ୍ରା ମାଧ୍ୟମରେ ପାଇପ୍ ଅଣାଯାଇ ବିମାନରେ ରଖାଯାଇଥିଲା। ପାଇପ୍ ପ୍ରେରଣ କାର୍ଯ୍ୟରେ ୪ ଜଣ କୁଶଳି ହାଇଡ୍ରା ଚ଼ାଳକଙ୍କ ସମେତ ୧୦ ଜଣ ଶ୍ରମିକ ନିୟୋଜିତ ଥିଲେ।

# ଦେଶର ଭୌତିକ ପ୍ରଗତି ଯୁବପିଢିଙ୍କ ଉପରେ ନିର୍ଭରଶୀଳ: ରାଷ୍ଟ୍ରପତି

## ଭିସୁଟରେ ପଢୁଥିବା ସାଧାରଣ ଘରର ପିଲାମାନେ ଭାରତର ବୈଜ୍ଞାନିକ ଉପଲବ୍ଧିର ମେରୁଦଣ୍ଡ- ଧର୍ମେନ୍ଦ୍ର ପ୍ରଧାନ




**ବୁର୍ଲା, (ପିଏନ):** ଶିକ୍ଷା ତୁମ ମାନଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ସକ୍ଷମ କରିଛି। ଆମ ଦେଶର ଭୌତିକ ପ୍ରଗତି ଅନେକାଂଶରେ ତୁମ ପରି ଯୁବପିଢିଙ୍କ ଉପରେ ନିର୍ଭର କରେ ବୋଲି ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ସମ୍ବଲପୁର ଜିଲ୍ଲା ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ) ର ୧୫ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ।

ମାନ୍ୟବର ରାଷ୍ଟ୍ରପତି କହିଛନ୍ତି ଯେ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରି ରାସ୍ତାଘାଟ, କୋଠାବାଡି ଓ ବନ୍ଧବାଡି ସହିତ କଳକାରଖାନାର ଆଦିନିର୍ମାଣର ଦାୟିତ୍ୱ ଛାତ୍ରଛାତ୍ରୀଙ୍କ ଉପରେ ନ୍ୟସ୍ତ । ଉଭୟ ସଫ୍ଟୱେ୍ୱାର ଓ ହାର୍ଡୱେୟାରର ବିକାଶ କରିବା ଦାୟିତ୍ୱ ଛାତ୍ରଛାତ୍ରୀ ମାନଙ୍କର । ଇଞ୍ଜିନିୟର ଭାବେ ସେମାନେ ପ୍ରଗତିର ସ୍ଥାପକ । ଉଭାବକ ଭାବରେ, ସେମାନେ କଳ୍ପନା ଏବଂ ବାସ୍ତବତା ମଧ୍ୟରେ ସେତୁ ହେବେ । ଦ୍ରୁତ ଗତିରେ ଅଗ୍ରଗତି କରୁଥିବା ଦୁନିଆରେ ସେମାନେ ଏହି ଅନୁଷ୍ଠାନରେ ଯେଉଁ ଦକ୍ଷତା ଓ ଜ୍ଞାନ ଅର୍ଜନ କରିଛନ୍ତି, ତାହା ହିଁ ସେମାନଙ୍କ ଭବିଷ୍ୟତ ତଥା ଦେଶର ଭବିଷ୍ୟତ ଗଢ଼ି ତୋଳିବ ବୋଲି ମାନ୍ୟବର ରାଷ୍ଟ୍ରପତି କହିଥିଲେ ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ବୁର୍ଲା ଇଞ୍ଜିନିୟରିଂ ଅନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀମାନେ ହେଉଛନ୍ତି ବଣମଲ୍ଲି । ବଣମଲ୍ଲି ବଣରେ ନ ରହିବା ଦରକାର । ଗରିବ ଓ ସାଧାରଣ ଘରୁ ଭିସୁଟରେ ପଢୁଥିବା ପିଲାମାନେ ଓଡ଼ିଶା ସମେତ ଭାରତୀୟ ବୈଜ୍ଞାନିକ ଉପଲବ୍ଧିର ମେରୁଦଣ୍ଡ ହୋଇଛନ୍ତି । ଏହାର ଉଦାହରଣ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଚ଼ା' ବିକାଳୀ, ଚ଼ାଷୀ, ରିକ୍ସା ଚ଼ଳାଉଥିବା ଗରିବ ଓ ମଧ୍ୟମ ବର୍ଗର ପିଲାମାନେ ଏହି ବିଶ୍ୱବିଦ୍ୟାଳୟରେ ପଢନ୍ତି । ଏହି ଅନୁଷ୍ଠାନରେ ପଢୁଥିବା କଳାହାଣ୍ଡିର ବୋଧିସତ୍ତ୍ୱ ସଂଘପ୍ରିୟ ଓ ତାଙ୍କ ଟିମ୍ ହୀରାକୁଦର ଜଳରାଶି ମାପିବା ପାଇଁ ଡ୍ରୋନ ମାପକ ଯନ୍ତ୍ର ପରି ରକେଟ୍ ଓ ସାଟେଲାଇଟ୍ ତିଆରି କରିଥିଲେ । ବୁର୍ଲା ଇଞ୍ଜିନିୟରିରୁ କଲେଜରୁ ପାଠ ପଢିବା ପରେ ସମୀର ପଣ୍ଡା ପ୍ରୁଫ୍ ଯୁକ୍ତ ଟାୟାର୍ ବନାଉଛନ୍ତି । ଭିସୁଟର ପିଲାମାନେ ଓଡ଼ିଶା କଥା ଚ଼ିନ୍ତା କରନ୍ତି ଦେଶ ପାଇଁ ଚ଼ିନ୍ତା କରନ୍ତି। ଏହାବ୍ୟତିତ ଓଡ଼ିଶାର ଦୁଇ ଭଉଣୀ ତଥା ନେକ୍ସସ୍ ପାୱାର ଷ୍ଟାର୍ଟଅପର ସିଇଓ ଏବଂ ସହ-ପ୍ରତିଷ୍ଠାତା ନିଶିତା ଓ ନିକିତା ବଳିୟାର ସିଂ ସବୁଜ ଇନ୍ଧନ ତଥା ସ୍ୱଚ୍ଛ ଉର୍ଜା ଭଳି କ୍ଷେତ୍ରରେ ଷ୍ଟାର୍ଟଅପ୍ ଆରମ୍ଭ କରିବା ସହ ବିଶ୍ୱ ସମସ୍ୟାର ସମାଧାନ କରିବାର ଶକ୍ତି ରଖୁଛନ୍ତି । ଯାଜପୁର ଜିଲ୍ଲା କୋରେଇ ଅଞ୍ଚଳର ଦେବବ୍ରତ, ସ୍ମୃତିରଞ୍ଜନ, ରଶ୍ମିରଞ୍ଜନ, ଶୁଭକାନ୍ତ ଓ ଜ୍ଞାନରଞ୍ଜନ କରୋନା ସମୟରେ ଲୋକମାନେ କୋଭିଡ୍ ପରୀକ୍ଷା ନ କରୁନଥିବା ବେଳେ ଏହାର ସମାଧାନ ଚ଼ିନ୍ତା କରି ସେମାନେ ଏକ ଭିଡିଓ ତିଆରି କରି ସମାଜରେ ସଚେତନତା ସୃଷ୍ଟି କରିଥିଲେ । ଯାଜପୁର ଜିଲ୍ଲାର ଦ୍ୱାଦଶ ଶ୍ରେଣୀରେ ନବୋଦୟ ବିଦ୍ୟାଳୟରେ ପଢୁଥିବା ଜ୍ଞାନରଞ୍ଜନ ମିଶ୍ର ଲାଇଟ ମାଧ୍ୟମରେ ଫ୍ରିକ୍ୟୁଏନ୍ସି ବଢାଇ ସମସ୍ୟା ସମାଧାନ କରିବା ପାଇଁ ଆଗଭର ଥିଲେ । ତାଙ୍କୁ ଦେଖିଲେ ଆଲବର୍ଟ ଆଇନଷ୍ଟାଇନ ଓ ଏପିଜେ ଅବଦୁଲ କଲାମଙ୍କ ଭଳି ବୈଜ୍ଞାନିକ ମନୋଭାବ ଥିବା ପରି ମନେହୁଏ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାକୁ ପୃଥିବୀର ହାପେନିଂ ପଏଣ୍ଟ ବନାଇବାର ଆତ୍ମବିଶ୍ୱାସ ରଖୁଥିବା ଲୋକମାନେ ହେଉଛନ୍ତି ଆମେମାନେ । ଚ଼ାକିରି କରିବା ନୁହେଁ ବରଂ ଚ଼ାକିରି ଦେବା ଆମର ଭୂମିକା ହେବା ଦରକାର । ଓଡ଼ିଆ ପିଲାମାନେ ଜଣେ ଜଣେ ଉଭାବକ । ଏହା ହୋଇନଥିଲେ ଓଡ଼ିଆ ଜାତିର ଲୋକମାନେ ବଡଦେଉଳ, କୋଣାର୍କ ଓ ଲିଙ୍ଗରାଜ ପରି ମନ୍ଦିର ଗଢିବାକୁ ସମର୍ଥ ହୋଇନଥାନ୍ତେ । ଓଡିଆ ପିଲାଙ୍କୁ ଧର୍ମପଦ ବନାଇବା ପାଇଁ ପଡିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,(ପିଏନ):**ଆଜି ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ମତ୍ସ୍ୟଜୀବୀ ମାନଙ୍କ ପାଇଁ ୧୬ଟି କାର୍ଯ୍ୟକ୍ରମ ରହିଛି ଏବଂ ଏବର୍ଷ ଏଥିପାଇଁ ୪୪୮ କୋଟି ଟଙ୍କା ଖର୍ଚ୍ଚ କରାଯିବ।ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ, ମତ୍ସ୍ୟଚ଼ାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ନିବେଦନ କରି କହିଛନ୍ତି ଯେ ଆପଣମାନଙ୍କ କଲ୍ୟାଣ ଓ ବିକାଶ ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି । ଆପଣମାନେ ଏହାର ସୁଯୋଗ ନେଇ ନିଜର ଓ ରାଜ୍ୟର ସମୃଦ୍ଧିରେ ଯୋଗଦାନ ରଖନ୍ତୁ ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ରାଜ୍ୟରେ ପ୍ରଚୁର ଜଳସଂପଦ ରହିଛି। ଅର୍ଥନୀତିର ବିକାଶ ପାଇଁ ଜଳସଂପଦର ପୂର୍ଣ୍ଣ ବିନିଯୋଗ ଆମର ଲକ୍ଷ୍ୟ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା, ସେମାନଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା, ମା ମାନଙ୍କୁ ସଶକ୍ତ କରିବା ଏବଂ ସର୍ବୋପରି ରାଜ୍ୟର ଆର୍ଥିକ ବିକାଶ କରିବା ।

ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଏ ସବୁ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ନେବ ବୋଲି ପ୍ରକାଶ କରି ସେ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଆମର ୫ଟି ନୀତିରେ କାର୍ଯ୍ୟକାରୀ କରାଯିବ। ଏଥିରେ ୧୧,୦୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ୫୦ ହଜାର ମାଛ ଚ଼ାଷୀ ଓ ଏକ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ ଉପକାର ପାଇବେ ବୋଲି ସେ କହିଥିଲେ।

ରାଜ୍ୟରେ ମତ୍ସ୍ୟ ବିକାଶ କ୍ଷେତ୍ରରେ ହୋଇଥିବା ଉନ୍ନତି ସଂପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଗତ ୨୦ ବର୍ଷ ଭିତରେ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ଚ଼ାରି ଗୁଣ ବୃଦ୍ଧି ପାଇଛି



। ସାମୁଦ୍ରିକ ମତ୍ସ୍ୟ ରପ୍ତାନୀ ୪୫୦୦ କୋଟି ଟଙ୍କାରେ ପହଞ୍ଚିଛି । ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଓଡିଶା ମତ୍ସ୍ୟନୀତି-୨୦୧୫ ଏବଂ ଓଡିଶା ଜଳଭଣ୍ଡାର ମତ୍ସ୍ୟନୀତି-୨୦୧୨ ଆଣିବାରେ ଓଡିଶା ଦେଶର ପ୍ରଥମ ରାଜ୍ୟ ବୋଲି ସେ କହିଥିଲେ । ଓଡିଶା ଆଜି ମାଛ ଯାଁଳ ଉତ୍ପାଦନରେ ଆତ୍ମନିର୍ଭର ହୋଇପାରିଛି ବୋଲି ସେ କହିଥିଲେ ।

ମତ୍ସ୍ୟଜୀବୀ ମାନଙ୍କ କଲ୍ୟାଣ ପାଇଁ ଗରିବ ଲୋକଙ୍କ କଲ୍ୟାଣ ପଇଁ ମୋ ସରକାର କାମ କରୁଛନ୍ତି ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନଙ୍କ ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା, ରୋଜଗାର ଓ ପୁଷ୍ଟିକୁ ଅଧିକ ଗୁରୁତ୍ୱ ଦେଇ ଅନେକ ପଦକ୍ଷେପ ନିଆଯାଇଛି। କାର୍ଯ୍ୟକ୍ରମରେ ଯୋଗ ଦେଇ ମତ୍ସ୍ୟ ଓ ପଶୁସଂପଦ ବିଭାଗ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ ଯେମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ଜନତାଙ୍କ ମୁଖ୍ୟମନ୍ତ୍ରୀ। ଜନତାଙ୍କ କଲ୍ୟାଣ ପାଇଁ ସେ ସବୁବେଳେ ନୂଆ ନୂଆ ଯୋଜନା କରିଆସିଛନ୍ତି। ଆଜି ବିଶ୍ୱ ମତ୍ସ୍ୟ ଦିବସରେ ଏହି ଯୋଜନା ରାଜ୍ୟର ମତ୍ସ୍ୟ କ୍ଷେତ୍ରରେ ରୂପାନ୍ତର ଆଣିବାରେ ସହାୟକ ହେବ ବୋଲି ସେ କହିଥିଲେ। ଏହି ଯୋଜନାର ବିଭିନ୍ନ ଆଭିମୁଖ୍ୟ ସଂପର୍କରେ ଶ୍ରୀ ସ୍ୱାଇଁ ବିସ୍ତୃତ ସୂଚ଼ନା ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ନିଜର ଅଭିଜ୍ଞତା ବର୍ଣ୍ଣନା କରି ଗଞ୍ଜାମ ଜିଲ୍ଲାର ମତ୍ସ୍ୟଜୀବୀ ଶ୍ରୀ ବ୍ରହ୍ମାନନ୍ଦ ଦାସ କହିଲେ ଯେ କୋଭିଡ ସମୟରେ ତାଙ୍କର ରୋଜଗାର ବନ୍ଦ ହୋଇଯିବାରୁ ସେ ମତ୍ସ୍ୟଜୀବୀ ମାନଙ୍କ ପାଇଁ ଇସକ୍ଟଲକ୍ଷକ୍ଟମଳ ଯୋଜନାରେ ୪୦ ପ୍ରତିଶତ ରିହାତି ପାଇ ମାଛ ଚ଼ାଷ ଆରମ୍ଭ କରିଥିଲେ । ଏବେ ସେ ଲକ୍ଷାଧିକ ଟଙ୍କା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ।

ସେହିପରି ବାଲେଶ୍ୱରର ଗୀତାରାଣୀ ପଣ୍ଡା କହିଥିଲେ ଯେ ତାଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ପଞ୍ଚାୟତ ପୋଖରୀ ଯୋଜନାରେ ସେମାନ ଋଣ ନେଇ ଏବେ ବର୍ଷକୁ ୫ ଲକ୍ଷ ଟଙ୍କା ଲାଭ କରୁଛନ୍ତି । ଏହାଦ୍ୱାରା ସେମାନଙ୍କର ଆର୍ଥିକ ସମସ୍ୟା ଦୂର ହୋଇପାରିଛି ବୋଲି ସେ କହିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ। ପୁରୀ ଜିଲ୍ଲାର ବ୍ରଜସୁନ୍ଦର ବେହେରା କହିଲେ ଯେ ସେ ଜଣେ ସାମୁଦ୍ରିକ ମତ୍ସ୍ୟଜୀବୀ। ଅଲିଭ ରିଡ୍ ?ଲେ କଇଁଚ଼ ପାଇଁ ତାଙ୍କର ଜୀବିକା ପ୍ରଭାବିତ ହେଉଥିଲା। ଏଥିପାଇଁ ସହାୟତା ପରିମାଣକୁ ମୁଖ୍ୟମନ୍ତ୍ରୀ ୭୫୦୦ ଟଙ୍କାରୁ ୧୫ ହଜାର ଟଙ୍କା ବୃଦ୍ଧି କରିଥିବାରୁ, ତାଙ୍କ ପରିବାର ଆଜି ସୁରକ୍ଷିତ ହୋଇପାରିଛି ବୋଲି କହି ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ ।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚ଼ିବ ଶ୍ରୀ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ସମବାୟ ସଚ଼ିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ, କୃଷି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳ ଓ ମତ୍ସ୍ୟଜୀବୀମାନେ ଅନ୍?ଲାଇନ ଜରିଆରେ ଯୋଡି ହୋଇଥିଲେ ।

ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ସଚ଼ିବ ଶ୍ରୀ ସୁରେଶ କୁମାର ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିଲେ ଓ ମତ୍ସ୍ୟ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।




# ସରୁନି ଇନ୍ଦ୍ରାବତୀ ବିସ୍ଥାପିତଙ୍କ ଦୁଃଖ: ୩୦ବର୍ଷ ପରେ ବି ହକ୍ ପାଇଁ ଲଢେଇ

**ନବରଙ୍ଗପୁର(ପିଏନ):** ପ୍ରକଳ୍ପ ପାଇଁ ବାସଚ୍ୟୁତ ହେଲେ। ଜଳଭଣ୍ଡାରରେ ଲୀନ ହେଲା ୨୦ ହଜାର ଏକରରୁ ଉର୍ଦ୍ଧ୍ୱ ଜମି। ଜମି ହରାଇ ସେ ଦିନର ଜମିଦାର ଏବେ ଦିନ ମଜୁରିଆ। କ୍ଷତିପୂରଣ ପ୍ରଦାନରେ ପାତରଅନ୍ତର ଯୋଗୁ ଅଧିକାଂଶ ବିସ୍ଥାପିତ ପରିବାର ଏବେ ଦୁର୍ଦ୍ଦିନରେ। ଇତି ମଧ୍ୟରେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପକୁ ବିତିଲାଣି ୩୦ ବର୍ଷ। ଅଥଚ ବିସ୍ଥାପିତଙ୍କ ଦୁଃଖ ସରୁନି।



୧୯୮୫ ମସିହାରେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ହେଲା। ୧୯୯୦ ରୁ ୧୯୯୨ ମଧ୍ୟରେ କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ୧୦୫ ଖଣ୍ଡ ଗ୍ରାମର ୬ ହଜାର ୧୩୩ ପରିବାର ବାସଚ୍ୟୁତ ହେଲେ। ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ଗୌଡଦେଓପାଲି, ମଞ୍ଜାଗାଁ, ଲମତାଗୁଡା, ଅଞ୍ଚଳଗୁମ୍ମା, ବରେହିପଦର ଓ ତେନ୍ତୁଳିଖୁଣ୍ଟି ପଞ୍ଚାୟତର ୩୪ଟି କ୍ଲଷ୍ଟର ଗ୍ରାମରେ ୧୨ ଶହ ବିସ୍ଥାପିତ ପରିବାରଙ୍କୁ ଥଇଥାନ କରାଗଲା। ସେହିପରି ନନ୍ଦାହାଣ୍ଡି ବ୍ଲକରେ ପ୍ରାୟ ୩୦୦ ପରିବାର, କଳାହାଣ୍ଡି ଜିଲ୍ଲାର ଜୟପାଟଣା ଓ ଥୁଆମୂଳ ରାମପୁର ବ୍ଲକରେ ୩ ହଜାର ୧୨୧ ପରିବାର, କୋରାପୁଟ ଜିଲ୍ଲାର ବୋରିଗୁମ୍ମା, ଦଶମନ୍ତପୁର ବ୍ଲକର ବିଭିନ୍ନ ଗ୍ରାମରେ ୧୦୬୧ ପରିବାର ଥଇଥାନ ହୋଇଛନ୍ତି। ବିସ୍ଥାପିତଙ୍କୁ କ୍ଷତିପୂରଣ ବାବଦରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୩୫ ହଜାର ୫୦୦ ଟଙ୍କା, ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ୪୨ ହଜାର ୨୦୦ ଓ ପଞ୍ଚମ ପର୍ଯ୍ୟାୟରେ ୭୦ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ମିଳିଥିଲା। ତେବେ କ୍ଷତିପୂରଣ ପ୍ରଦାନରେ ପାତର ଅନ୍ତର କାରଣରୁ ବିସ୍ଥାପିତ ସେମାନଙ୍କ ହକ୍ ପାଇଁ ୩୦ ବର୍ଷ ଧରି ଲଢେଇ ଜାରି ରଖିଛନ୍ତି। ଇନ୍ଦ୍ରାବତୀ ବୁଡି ଅଞ୍ଚଳ ବିକାଶ ପରିଷଦ ଏହାର ନେତୃତ୍ୱ ନେଉଛି। ପରିଷଦର ସମ୍ପାଦକ ସୁଧୀର ସୁନାଙ୍କ ଦାବି ହେଲା କ୍ଷତିପୂରଣ ପ୍ରଦାନରେ ପାତର ଅନ୍ତର ଦୂର କରିବା ପାଇଁ ଆର୍‌ଡିସିସ୍ତରରେ ୨୦୦୮ ମସିହାରେ ଉଚ୍ଚସ୍ତରୀୟ ବୈଠକ କରାଯାଇ ପୁନଃ କ୍ଷତିପୂରଣ ପ୍ରଦାନ ଲାଗି ପ୍ରାୟ ୧୬ କୋଟି ଟଙ୍କାର ଅଟକଳ ରଖାଯାଇଥିଲା। ଯାହା ଆଜି ସୁଦ୍ଧା ବିସ୍ଥାପିତଙ୍କୁ ମିଳିପାରିନି। କେବଳ ସେତିକି ନୁହେଁ ଯେଉଁ ବିସ୍ଥାପିତ ପରିବାର ସରକାରୀ ଜମିରେ ଘର କରିଛନ୍ତି ଏବଂ ଘରୋଇ ଜମି କିଣି ରହିଛନ୍ତି ଏଯାବତ୍ ବହୁ ପରିବାରଙ୍କୁ ଘରଡିହ ଜମିର ପଟ୍ଟା ମିଳିପାରୁନି। ଜମିକୁ ଜଳସେଚନ ପାଇଁ କେନାଲ ଓ ଉଠାଜଳସେଚ ପ୍ରକଳ୍ପ ମାଧ୍ୟମରେ ପାଣି ଦେବାର ଘୋଷଣା କରାଯାଇଥିଲେ ମଧ୍ୟ ତାହା ହୋଇପାରିନି।

୧୯୯୪ ମସିହାରେ ବିସ୍ଥାପିତ ପରିବାରଙ୍କୁ ବିଦ୍ୟୁତ୍ ଯୋଗାଣ ପାଇଁ ୧ କୋଟି ୬ ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। କିନ୍ତୁ ବିଦ୍ୟୁତ୍ ସଂଯୋଗ ବେଳକୁ ପ୍ରତି ପରିବାର ପିଛା ୫ରୁ ୬ ହଜାର ଟଙ୍କା ଆଦାୟ କରି ସଂଯୋଗ ଦିଆଯାଇଥଇବା ଅଭିଯୋଗ କରିଛନ୍ତି ବିସ୍ଥାପିତ। ଜଳଭଣ୍ଡାର ଆରପାର୍ଶ୍ୱରେ ତେନ୍ତୁଳିଖୁଣ୍ଟି ବ୍ଲକର ମଞ୍ଜାଗାଁ ପଞ୍ଚାୟତର ଟାଙ୍ଗିଣିପୁଟ, ବାଗରା, ଗୁରୁମାଇଗୁଡା, ତଳଙ୍ଗ, ଝଲାଗୁଡା ଆଦି ୫ ଖଣ୍ଡ ଗ୍ରାମରେ ୯ ଶହ ଲୋକ ରହି ଆସୁଛନ୍ତି। ଏହି ଗ୍ରାମ ଗୁଡିକୁ କେନ୍ଦୁଗୁଡା, ପାଗୁଡା, ପଡାଗଡ ଓ ତଳନାଗି ଘାଟରୁ ୬ କିମି ଜଳଭଣ୍ଡାର ଭିତରେ ଦେଶୀ ଡଙ୍ଗା ସାହାଯ୍ୟରେ ନିତିଦିନିଆ କାର୍ଯ୍ୟ ଓ ସ୍ୱାସ୍ଥ୍ୟସେବା ପାଇଁ ଖାତିଗୁଡା ଓ ତେନ୍ତୁଳିଖୁଣ୍ଟିକୁ ଆସୁଛନ୍ତି। ସରକାରୀ ବୋଟ ରହିଥିଲେ ମଧ୍ୟ ଲୋକଙ୍କ କାମରେ ଲାଗୁନି। ସୂଚନାଯୋଗ୍ୟ, ୨୦୧୩ ମସିହାରେ ଡଙ୍ଗା ବୁଡି ଯୋଗୁ ଡଙ୍ଗାରେ ଥିବା ୧୯ ଜଣଙ୍କ ମଧ୍ୟରୁ ୧୭ ଜଣଙ୍କ ପ୍ରାଣହାନି ହୋଇଥିଲା।

## ଉତ୍ତରାଖଣ୍ଡ ସୁଡଙ୍ଗ ଦୁର୍ଘଟଣାରେ ଫସିଛନ୍ତି ଡାବୁଗାଁର ଶ୍ରମିକ

**ଡାବୁଗାଁ,(ପିଏନ):** ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାରେ ଏକ ସୁଡ଼ଙ୍ଗ ଭିତରେ ଗତ ତିନି ଦିନ ଧରି ଫସି ରହିଥିବା ୪୦ ଜଣ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି। ଗତ ୧୨ ତାରିଖ (ରବିବାର) ଦିନ ନିର୍ମାଣାଧୀନ ସୁଡଙ୍ଗ ଭୁଶୁଡିବାରୁ ଫସି ରହିଥିବା ଶ୍ରମିକଙ୍କ ମଧ୍ୟରେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଜବାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ତାଲବେଡା ଗ୍ରାମର ଜଣେ ଶ୍ରମିକ ଅଛନ୍ତି। ଶ୍ରମିକ ଜଣକ ତାଲବେଡା ଗ୍ରାମର ଜଳଧର ଭତରାଙ୍କ ପୁଅ ଭଗବାନ ଭତରା (୨୮) ବୋଲି ଜଣା ପଡିଛି। ଭଗବାନ ଭତରା ଉତ୍ତରକାଶୀ ଟନେଲ ମଧ୍ୟରେ ଫସି ରହିଥିଲେ ସୁଦ୍ଧା ତାଲବେଡାରେ ଥିବା ପରିବାର ଲୋକେ କିଛି ଜାଣି ନ ଥିଲେ। ତେବେ ମିଡିଆ ଓ ନିକଟ ଲୋକଙ୍କ ଠାରୁ ଏହା ଶୁଣିବା ପରେ ସୁଡଙ୍ଗ ମଧ୍ୟରୁ ଭଗବାନ କିପରି ସୁରକ୍ଷିତ ଉଦ୍ଧାର ହୋଇ ନିଜ ଗ୍ରାମକୁ ଫେରିବେ ସେନେଇ ପରିବାର ଲୋକେ ଚିନ୍ତିତ ଅଛନ୍ତି। ସୂଚନାଯୋଗ୍ୟ ଭଗବାନ ଭତରା



ଗତ ଦେଢ଼ ବର୍ଷ କାମ କରିବା ପାଇଁ ବାହାର ରାଜ୍ୟକୁ ଯାଇଥିଲେ। ବାପା ଜଳଧର ମାନସିକ ବିକୃତ ଥିବା ବେଳେ ମା ପିଲାଟି ଦିନରୁ ଆର ପାରିକୁ ଚାଲି ଯାଇଛନ୍ତି। ୪ ଭାଇ ମଧ୍ୟରୁ ଭଗବାନ ଓ କର୍ଫୁଲ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ବେଳେ ଅନ୍ୟ ଦୁଇ ଭାଇ ଗ୍ରାମରେ ରହିଛନ୍ତି। ଭଗବାନ ଭତରା ଆନ୍ଧ୍ର ପ୍ରଦେଶର ନବୟୁଗା ଇଞ୍ଜିନିୟର କମ୍ପାନି ତରଫରୁ ଗତ ଏକ ବର୍ଷ ହେଲା ଚୁକ୍ତିରେ ଉତ୍ତରକାଶୀରେ ହେଲପର ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ତା ସହିତ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ପରାସ ଧନୁଆର ୫ ଜଣ ସେଠାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ସୁଡଙ୍ଗ ଧସିଯିବା ଏକ ଘଣ୍ଟା ପୂର୍ବରୁ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ପାରସ ଧନୁଆର ଅନ୍ୟ ୫ ଜଣ ଶ୍ରମିକ ବାହାରକୁ ବାହାରି ପଡ଼ିଥିଲେ ଏବଂ ଟନେଲରେ ଫସିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ।

# ୩୦ଲକ୍ଷ ଟଙ୍କାର ମିନିପାର୍କ ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳୀ

**ଉମରକୋଟ(ପିଏନ):** ସରକାରଙ୍କ ପକ୍ଷରୁ ଜନସାଧାରଣ ଉପକୃତ ହେବେ ଓ ବ୍ୟାୟାମ କରି ନିଜ ଶରୀର ସୁସ୍ଥ ସୁନ୍ଦର ରଖିବା ପାଇଁ ମୁକ୍ତା ଯୋଜନାରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଜରିଆରେ ପ୍ରାୟ୩୦ଲକ୍ଷ ଟଙ୍କା ବ୍ୟୟରେ ଉମରକୋଟ ସହର ର ଡିଏନକେ ଠାରେ ମିନି ପାର୍କ ତିଆରି କରାଯାଇଛି। ହେଲେ ଉଦ୍ଘାଟନ ପୂର୍ବରୁ କିଛି ଯନ୍ତ୍ରାଂଶ ଭାଙ୍ଗି ନଷ୍ଟ ହେବା ସହ ଶୌଚାଳୟ ଘର ମଧ୍ୟ ନଷ୍ଟ ହୋଇଗଲାଣି ଘାସ ଲାଗିବା ସହ ଡ୍ରେନେଜ ବ୍ୟବସ୍ଥା କରିବା କଥା ହେଲେ ଡିଏନକେ ଠାରେ ଥିବା ମିନି ପାର୍କ ଠାରେ ରାତି ହେଲେ ଜମୁଛି ମଦ୍ୟପଙ୍କ ଆଖଡ଼ା ଶାଳ ବିଜୁଳି ଆଲୁଅ ର ବ୍ୟବସ୍ଥା ନଥିବାରୁ ରାତି ହେଲେ ମଦ୍ୟପ ଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଡିଏନକେ ଠାରେ ନୂତନ ଭାବେ ତିଆରି ହୋଇଥିବା ମିନି ପାର୍କ ସେହିରାସ୍ତା ଦେଇ ପ୍ରତିଦିନ ଟ୍ୟୁସନ ଛାତ୍ରଛାତ୍ରୀ ନିକଟସ୍ଥ ସାହିବାସିନ୍ଦା ଯିବାଆସିବା କରିଥାନ୍ତି। ଏହି ମିନି ପାର୍କ ଠାରେ ବିଜୁଳି ଆଲୁଅ ର ବ୍ୟବସ୍ଥା ନଥିବାରୁ ଏହାର ଫାଇଦା ନେଇ ଅନ୍ଧାର ହେଲେ ଅସମାଜିକ ଯୁବଗୋଷ୍ଠୀଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। ସାଥିରେ ମଦ ବୋତଲ ଆଣି ମଦ ପିଅନ୍ତି ଓ ବୋତଲ ଗୁଡିକୁ ମିନି ପାର୍କର ଚତୁର୍ପାର୍ଶ୍ୱରେ ଫୋପାଡ଼ି ଚାଲି ଯାଇ ଥାନ୍ତି ।ଏହି ମିନି ପାର୍କ କୁ ପ୍ରାତଃ ଭ୍ରମଣରେ ଆସୁଥିବା ଯୁବତୀ, ମହିଳା, ବୃଦ୍ଧ ବୃଦ୍ଧା ଉକ୍ତ ମଦ ବୋତଲକୁ ଦେଖି ଯୁବତୀ ମହିଳା ଯୁବକ ଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଥାଏ ।ଏହି ମିନି ପାର୍କ ପାର୍ଶ୍ୱରେ ଦମକଳ କେନ୍ଦ୍ର, ସ୍କୁଲ , ଟିୟୁସନ ରହିଛି। ଏହି ମିନି ପାର୍କ ଚତୁପାର୍ଶ୍ୱ ରେ ଯଦି ପୌରପରିଷଦ ପକ୍ଷରୁ ଆଲୋକି କରଣ କରାଯାଏ ଓ ପୋଲିସ ଯଦି ପଇଁତରା ମାରନ୍ତା। ତାହେଲେ ଅସାମାଜିକ ମଦ୍ୟପ ଯୁବଗୋଷ୍ଠୀ ମାନଙ୍କୁ ରୋକ୍ ଲଗାଯାଇ ପାରିବ ବୋଲି ସାଧାରଣ ରେ ଚର୍ଚ୍ଚା। ହେଉଛି ଅନ୍ୟ ଏବାବଦ ରେ ଅଧକ୍ଷା ଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି ଅନ୍ୟ ପଟେ ପୋଲିସ ପ୍ରଶାସନ ପକ୍ଷରୁ ଯଦି ପ୍ରତିଦିନ ରାତିରେ ଡିଏନକେ ଠାରେ ଥିବା ମିନି ପାର୍କ କୁ ପେଟ୍ରୋଲିଂ କରାଯିବ ତାହେଲେ ସ୍ଥିତି ସୁଧୁରୀ ପାରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ପକ୍ଷରୁ ସମ୍ମାନୀତ ଯୁବ ବିକାଶ କାର୍ଯ୍ୟକ୍ରମ

**ଉମରକୋଟ(ପିଏନ) :** ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ' ଠାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷ ରୁ ସମ୍ମାନୀତ ଯୁବ ବିକାଶ କାର୍ଯ୍ୟକ୍ରମ ଚାଲିଛି । ଏହି କାର୍ଯ୍ୟକ୍ରମ ସପ୍ତାହ ଧରି ଚାଲିବ। କଲେଜ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା, ସାଂସ୍କୃତିକ ଓ ସାମଗ୍ରିକ ସଚେତନ ଆଣିବା ଏବଂ ସେମାନଙ୍କ ଶାରିରୀକ ଓ ମାନସିକ ବିକାଶ ଆଣିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ସମସ୍ତ+୨୦+୩ କଲେଜରେ ଏହି କାର୍ଯ୍ୟକ୍ରମ ବ୍ୟାପକ ଭାବରେ କରାଯାଉଛି । ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗର ଅନୁକୁଲ୍ୟରେ ଅନୁଷ୍ଠିତ ରାଜ୍ୟ ବ୍ୟାପି ସମସ୍ତ କଲେଜରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧକ୍ଷ ଡକ୍ଟର ଅନିଲ ମିଶ୍ର ଏହାର




ଉଦଘାଟନ କରିଥିଲେ। ଡକ୍ଟର ମିଶ୍ର ମହାବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ମାନେ ସମସ୍ତେ ଯେପରି କ୍ରିଡ଼ା ଓ ବିଭିନ୍ନ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରି ସରକାରଙ୍କ ଉଦେଶ୍ୟକୁ ସଫଳ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଓ ଡ଼ିଗ୍ରୀ କଲେଜ ର ଛାତ୍ର ଛାତ୍ରୀ ମାନ ଅଂଶ ଗ୍ରହଣ କରିଥିଲେ। କଲେଜ ପିଲାଙ୍କ ମଧ୍ୟରେ କ୍ରିକେଟ, ଫୁଟବଲ, ଭଲିବଲ,ବ୍ୟାଡମିଣ୍ଟନ ଓ କବାଡି ପ୍ରତିଯୋଗୀତା ଅନୁଷ୍ଠିତ ହେଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ନୋଡାଲ ଅଫିସର ଡକ୍ଟର ଶେଷାନନ୍ଦ ମିଶ୍ର, ଓ ଡିଗ୍ରୀ କଲେଜ ର ନୋଡାଲ ଅଫିସର ଡକ୍ଟର ରବିନ୍ଦ୍ର ମିଶ୍ର ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରି ଥିଲେ। ସାମାଜିକ କାର୍ଯ୍ୟକ୍ରମ ମଧ୍ୟରେ ୨୦୦ ଜଣ ଛାତ୍ର ଛାତ୍ରୀଙ୍କୁ ନେଇ ଏକ ପ୍ଲାଷ୍ଟିକ ବର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଅଧାପକ ଜୀ. ଧର୍ମେନ୍ଦ୍ର ପ୍ଲାଷ୍ଟିକର ଅପକାରିତା ଉପରେ ବିଶଦ ଭାବେ ଛାତ୍ର ଛାତ୍ରୀଙ୍କୁ ବୁଝାଇ ଥିଲେ। ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଏକ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ଅଧକ୍ଷ ଡ ଅନିଲ କୁମାର ମିଶ୍ର ସଭାପତିତ୍ୱ କରିଥିଲେ ଅଧାପକ ଡ. ରବିନ୍ଦ୍ର ମିଶ୍ର ସଭା ପରିଚାଳନା କରିଥିବାବେଳେ ଓ ଅଧାପକ ଡ. ଶେଷାନନ୍ଦ ମିଶ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ମହାବିଦ୍ୟାଳୟ ର ପୁରାତନ ଛାତ୍ର ତଥା ସାମ୍ବାଦିକ କୃଷ୍ଣ ପ୍ରସାଦ ପଟ୍ଟନାୟକ ଓ ସାମ୍ବାଦିକ ମହେଶ୍ୱର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସେମାନଙ୍କ ଅଧ୍ୟୟନ ସମୟର ଅଭିଜ୍ଞତା ବିଷୟ ରେ ଛାତ୍ର ଛାତ୍ରୀଙ୍କୁ କହିଥିବା ବେଳେ ସବୁବେଳେ ଅଧାପକ ମାନଙ୍କ ଠାରୁ ଉଚିତ୍ ଶିକ୍ଷା ଲାଭ କରିବା ସହ ସଂସ୍କାରୀ ହେବା ପାଇଁ ଅନୁରୋଧ କରିଥିଲେ । ଏଥିସହ ପାଠ ପ୍ରତି ଅଧିକ ଧ୍ୟାନ ଦେଇ ଉତ୍ତମ ଚରିତ୍ର ଗଠନ କରି ନିଜର ଭବିଷ୍ୟତ ଗଢିବା ସହ କଲେଜ ପାଇଁ ଗୌରବ ଅର୍ଜନ କରିବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟ ସାମ୍ବାଦିକ କୁନା ସାହୁ, ଅନୁରାଗ ପଟ୍ଟନାୟକ ଓ ସମୀର ପତି ଯୋଗ ଦେଇଥିଲେ ।

# ସମ୍ବଲପୁରରେ ବନାରସ-ସମ୍ବଲପୁର ଦ୍ୱି-ସାପ୍ତାହିକ ଏକ୍ସପ୍ରେସର ବିଶାଖାପାଟନମ୍ ପର୍ଯ୍ୟନ୍ତ ସମ୍ପ୍ରସାରଣର ଉଦଘାଟନ

## ରେଳ ବିଭାଗ ପ୍ରତି ଲୋକଙ୍କ ଆସ୍ଥାଭାଜନ ହୋଇଛି, ମୋଦି ସରକାରରେ ଓଡ଼ିଶାର ସୁବର୍ଣ୍ଣ ଯୁଗ ଆରମ୍ଭ- ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର, (ପିଏନ)**-ରେଳ ବିଭାଗ ପ୍ରତି ଲୋକଙ୍କ ଆସ୍ଥାଭାଜନ ହୋଇଛି । ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରେଳ କ୍ଷେତ୍ର ଓଡ଼ିଶାର କାୟାକଳ୍ପ କରିବା ସହ 'ପୂର୍ବୋଦୟ'ର ପ୍ରମୁଖ ମାଧ୍ୟମ ହେବ ବୋଲି ସୋମବାର ସମ୍ବଲପୁର ରେଳ ଷ୍ଟେସନରେ କେନ୍ଦ୍ର ରେଳ, ଯୋଗାଯୋଗ, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ବନାରସ-ସମ୍ବଲପୁର-ବନାରସ ଦ୍ୱି-ସାପ୍ତାହିକ ଏକ୍ସପ୍ରେସର ବିଶାଖାପାଟନମ୍ ପର୍ଯ୍ୟନ୍ତ ସମ୍ପ୍ରସାରଣର ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଆଜି ଦେଶରେ ମୋଦି ସରକାରରେ ସବୁ କ୍ଷେତ୍ର ବିଶେଷ ଭାବରେ ରେଳ ବିଭାଗରେ ଲୋକଙ୍କର ପ୍ରତି ଆଶା ବଢିଛି । ଦେଶରେ ନୂଆ ଜାଗରଣ ତିଆରି ହୋଇଛି । ରେଳ ଅନୁଦାନ ବୃଦ୍ଧି ସହ ରେଳ ପ୍ରକଳ୍ପ ସୁଚାରୁରୂପେ କ୍ରିୟାନ୍ୱୟନ ହେଉଛି । ଅଯୋଧ୍ୟାକୁ ଟ୍ରେନ୍ ଚଳାଇବା ପାଇଁ ଲୋକମାନେ ଦାବି କରୁଛନ୍ତି । ମୁଁ ମଧ୍ୟ ରେଳ ମନ୍ତ୍ରୀଙ୍କୁ ଅନୁରୋଧ କରିଛି । ପ୍ରସାନ୍ଥି ନୀଲୟମ ଓ ତିରୁପତି ପର୍ଯ୍ୟନ୍ତ ଟ୍ରେନ୍ ଚଳାଇବା ପାଇଁ ଲୋକଙ୍କ ଦାବି ହେଉଛି । ଏହାର ଅର୍ଥ ରେଳ ବିଭାଗର ପ୍ରତି ଲୋକଙ୍କ ଆସ୍ଥାଭାଜନ ହୋଇଛି । ମୋଦି ସରକାରରେ ଓଡ଼ିଶାର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି ।

ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ନାରସ-ସମ୍ବଲପୁର-ବନାରସ ଦ୍ୱି-ସାପ୍ତାହିକ ଏକ୍ସପ୍ରେସର ବିଶାଖାପାଟଣା ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବା ଖୁସିର ବିଷୟ । ବିଶାଖାପାଟଣା ପର୍ଯ୍ୟନ୍ତ ଏହି ଟ୍ରେନର ସମ୍ପ୍ରସାରଣ ଦକ୍ଷିଣ ଏବଂ ପଶ୍ଚିମ ଓଡିଶାର ଲୋକଙ୍କ ପାଇଁ ଏକ ଯୁଗାନ୍ତ ପରିବର୍ତ୍ତନ । ସମ୍ବଲପୁର ଏକ କଳା, ସାଂସ୍କୃତିକ, ପର୍ଯ୍ୟଟନଭିତ୍ତିକ ସହର । ବନାରସ ଆମ ଭାରତୀୟ ସଭ୍ୟତାର ଅନନ୍ୟ ପ୍ରାଣକେନ୍ଦ୍ର । ବିଶାଖାପାଟଣା ବାଣିଜ୍ୟ, ବ୍ୟବସାୟ ଏବଂ ପର୍ଯ୍ୟଟନ ଭିତ୍ତିକ ସହର । ଆଜିର ପଦକ୍ଷେପ ଏହି ତିନୋଟି ସହର ମଧ୍ୟରେ ଶିକ୍ଷା, ଚିକିତ୍ସା, ପର୍ଯ୍ୟଟନ, ଯାତ୍ରୀ ସୁବିଧା ଓ ବ୍ୟବସାୟକୁ ଅଧିକ ସୁଗମ କରିବା ସହ ଅର୍ଥନୀତିକୁ ମଜଭୂତ୍ କରିବ । ଦୀର୍ଘ ଦିନର ସ୍ଥାନୀୟ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିଥିବାରୁ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ ଧନ୍ୟବାଦ । ଏହି ଅବସରରେ ରେଳ ମନ୍ତ୍ରୀଙ୍କୁ ବହୁ ପ୍ରତିକ୍ଷୀତ ଖୋର୍ଦ୍ଧା –ବଲାଙ୍ଗୀର, ତାଳଚେର-ବିମଳାଗଡ଼, ସମ୍ବଲପୁର-ରେଢାଖୋଲ-ଗୋପାଳପୁର ଏବଂ ତାଳଚେର-ଗୋପାଳପୁର ରେଳ ଲାଇନ ପ୍ରକଳ୍ପ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ସେହିପରି ଭାବରେ ସମ୍ବଲପୁର ରେଳ ଷ୍ଟେସନରେ ଅତ୍ୟାଧୁନିକ ସୁବିଧା ସହ ଷ୍ଟେସନର ଡିଜାଇନକୁ ସମ୍ବଲପୁରର ସାଂସ୍କୃତିକ ଢାଞ୍ଚାରେ ବିକଶିତ କରିବା ପାଇଁ ବୁର୍ଲାର ଭିସୁଟ୍ ଏବଂ ଆଇଆଇଏମ ସମ୍ବଲପୁରର ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଇବା ପାଇଁ ପ୍ରସ୍ତାବ ମଧ୍ୟ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି କଳା, ସଂସ୍କୃତି ଓ ପରମ୍ପରାର ସହର ହେଉଛି ସମ୍ବଲପୁର । ପ୍ରଧାନମନ୍ତ୍ରୀ ମୋଦି ଷ୍ଟାଚ୍ୟୁ ଅଫ୍ ୟୁନିଟ୍, ନୂଆ ସଂସଦ ଭବନ, କର୍ତ୍ତବ୍ୟପଥ, ଯୋଶଭୂମି, ଭାରତ ମଣ୍ଡପମ୍ ଭଳି ସ୍ଥାନରେ ସ୍ଥାନୀୟ କଳା ଓ ଐତିହ୍ୟକୁ ଗୁରୁତ୍ୱ ଦେଇଛନ୍ତି । ସେହିଭଳି ଭାବରେ ସମ୍ବଲପୁର ଷ୍ଟେସନର ମଧ୍ୟ ବିକାଶ କରାଯାଉ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମୋଦି ସରକାରରେ ଓଡ଼ିଶା 'ପୂର୍ବୋଦୟ'ର ପ୍ରୟୋଗଶାଳା ହୋଇଥିବା ବେଳେ ରେଳ ବିଭାଗ ଏଥିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ପ୍ରଧାନମନ୍ତ୍ରୀଙ୍କ ସହଯୋଗରେ ପୁରୀରେ ବିମାନବନ୍ଦର ନିର୍ମାଣ ହୋଇଛି । ପୂର୍ବରୁ ଝାରସୁଗୁଡାରେ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ହୋଇଛି । ସମ୍ବଲପୁରରେ ହଜାର କୋଟି ଟଙ୍କା ବ୍ୟୟରେ ରିଙ୍ଗ୍ ରୋଡର କାମ କରିବା ପାଇଁ ଯୋଜନା ହୋଇଛି । ମୋଦି ସରକାରରେ ଖଣି ରାଜସ୍ୱ ୫ ହଜାର କୋଟି ରୁ ୫୦ ହଜାର କୋଟି ପର୍ଯ୍ୟନ୍ତ ବୃଦ୍ଧି ପାଇଛି । କଂଗ୍ରେସ ସରକାର ଶେଷ ୧୦ ବର୍ଷରେ ଓଡ଼ିଶାକୁ ୩ ଲକ୍ଷ କୋଟି ଟଙ୍କା ଦେଇଥିବା ବେଳେ ୧୮ ଲକ୍ଷ କୋଟି ଟଙ୍କା ମୋଦି ସରକାର ଦେଇଛନ୍ତି । ବର୍ଷ ୨୦୨୨-୨୩ରେ କେନ୍ଦ୍ରୀୟ ଅନୁଦାନକୁ ମିଶାଇ ଓଡ଼ିଶା ସରକାର ପିଏମ ଆବାସ, ଘରକୁ ପାଇପ ଯୋଗେ ପାଣି, ଲୋକଙ୍କୁ ମୌଳିକ ସୁବିଧା ଆଦି ଯୋଗାଇ ଦେବା ପାଇଁ ପ୍ରାୟ ୩୮ ହଜାର ୭୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ କେବଳ ରେଳ ବିଭାଗ ୧୦ ହଜାର କୋଟି ଟଙ୍କା ଅନୁଦାନ ଦେଇଛି । ଓଡ଼ିଶାରେ ୬ ହଜାର ଟେଲିଫୋନ୍ ଟାୱାର ସ୍ଥାପନା ହୋଇଛି । ଭାରତକୁ ବିକଶିତ କରିବା ପାଇଁ ହେଲେ ରେଳ, ବନ୍ଦର, ଶିକ୍ଷାନୁଷ୍ଠାନ ଭିତ୍ତିଭୂମିକୁ ମଜଭୂତ୍ କରିବାକୁ ହେବ । ଏଥିପାଇଁ ମୋଦି ସରକାରରେ ଅଧିକ କାମ ସହ ଅଧିକ ଅର୍ଥ ଆସୁଛି । ବରଗଡ-ନୂଆପଡା ଲାଇନ, ଝାରସୁଗୁଡ଼ାରୁ ବାରକୋଟ୍ ପର୍ଯ୍ୟନ୍ତ ନୂଆ ରେଳ ଲାଇନ ପାଇଁ କାମ ଆରମ୍ଭ ହୋଇଛି । ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶ କରାଇବା ପାଇଁ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।




ଭୁବନେଶ୍ୱର, ୨୦୨୩, ନଭେମ୍ବର ୨୨

# ମହାପ୍ରଭୁ ଶ୍ରୀ ଚୈତନ୍ୟ ଓ ବାଲିଯାତ୍ରା

**ଯଶସ୍ୱିନୀ ପଟ୍ଟନାୟକ**



ଓଡ଼ିଆ ଆଧ୍ୟାତ୍ମିକ ଚେତନା ଓ ବୈଷ୍ଣବ ଧର୍ମାବଲମ୍ବୀଙ୍କ ଭିତରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଦିଗଦର୍ଶନ ପ୍ରତିଟି ଜୀବନ ପାଇଁ ଦିଗବାରେଣୀ ସଦୃଶ। ହଜାର ବର୍ଷ ପରିଚୟରେ ସମୃଦ୍ଧ କଟକ ସହରର ବାଲିଯାତ୍ରା ପଡ଼ିଆକୁ ଲାଗିଥିବା ମହାନଦୀ ରିଂ ରୋଡ଼ର ପାର୍ଶ୍ୱରେ ରହିଛି ଗଡ଼ଗଡ଼ିଆ ମହାଦେବ ମନ୍ଦିର। ଏହା ଗଡ଼ଗଡ଼ିଆ ଘାଟରେ ପରିଚିତ ଯେଉଁଥିରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ପବିତ୍ର ସ୍ମୃତି ରହିଛି। ବାଲିଯାତ୍ରା ସମ୍ବନ୍ଧରେ ଗବେଷକ ଓ ଐତିହାସିକ ସୂତ୍ର ଅନୁଯାୟୀ ବାଲିଯାତ୍ରା ହେଉଛି ମହାପ୍ରଭୁ ଶ୍ରୀ ଶ୍ରୀ ଚୈତନ୍ୟ ଦେବଙ୍କ ପବିତ୍ର ପଦାର୍ପଣ ସ୍ମୃତି ମହୋତ୍ସବ । ସେହିପରି ଗଡ଼ଗଡ଼ିଆ ଘାଟର ନାମକରଣର ଲୋକକଥା ହେଉଛି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଶେଷ ପରେ ଶ୍ରୀ ଚୈତନ୍ୟ ନବଦ୍ୱୀପକୁ ଫେରିବା ବେଳେ ସେ ସମୟର ସତୀଚୌରା ନିକଟସ୍ଥ ମହାନଦୀ ପୀଠରେ ପଦବ୍ରଜ କରି ଚାଲୁଥିବା ବେଳେ ଲୋକମାନେ ହରିନାମ ସଂକୀର୍ତ୍ତନ ପୂର୍ବକ ସେହି ପବିତ୍ର ବାଲିରେଣୁରେ ନିଜେ ଗଡ଼ି ଯାଇଥିଲେ । ସେ ସମୟର ସହରର ସଂକୀର୍ତ୍ତନ ମଣ୍ଡଳୀ ଓ ବିଭିନ୍ନ ମଠ ମନ୍ଦିରର ଝାଞ୍ଜକୀର୍ତ୍ତନିଆମାନେ ନଦୀକୂଳକୁ ଲୋକାରଣ୍ୟ କରିଦେଇଥିଲେ । ଗଡ଼ଗଡ଼ିଆ ଘାଟରେ ଏବେ ବି ଶ୍ରୀ ଚୈତନ୍ୟଙ୍କ ପବିତ୍ର ପଦଚିହ୍ନରେ ରହିଛି ଯହିଁରେ ୧୫୧୦ ମସିହା ଲିଖିତ ରହିଛି । ସୂଚନାଯୋଗ୍ୟ ଏତଦ୍‌ବ୍ୟତତୀ ମହମ୍ମଦିଆ ବଜାରର ଚୈତନ୍ୟ ମଠରେ ମଧ୍ୟ ଚୈତନ୍ୟ ମହାପ୍ରଭୁଙ୍କ ପବିତ୍ର ପଦଚିହ୍ନ ପୂଜିତ ହେଉଛି । 'ଚୈତନ୍ୟ ପଦପୂତ ଓଡ଼ିଶା ପୁସ୍ତକରେ ମହାପ୍ରଭୁ କାର୍ତ୍ତିକ ପୂର୍ଣ୍ଣିମାର ନିତ୍ୟ ରାସ ଉତ୍ସବ ଦିନ କଟକରେ ପହଞ୍ଚି ଥିଲେ । ତତ୍‌କାଳୀନ ମହାରାଜ ପ୍ରତାପରୁଦ୍ର ଦେବ ଏହି ସ୍ମୃତିକୁ ଉଦ୍‌ଜୀବିତ କରି କାର୍ତ୍ତିକ ପୂର୍ଣ୍ଣିମା ଦିନ ହିଁ ବାଲିଯାତ୍ରା ଉତ୍ସବ ଅନୁଷ୍ଠିତ କରାଇବା ପାଇଁ ପୃଷ୍ଠପୋଷକତା କରିବା ସମ୍ବନ୍ଧରେ ଐତିହାସିକ ତଥ୍ୟ ଉଲ୍ଲେଖ ରହିଛି । କଟକରେ ଗଡ଼ଗଡ଼ିଆ ଘାଟ ଓ ଚୈତନ୍ୟ ମଠ ବ୍ୟତୀତ ସତୀଚୌରା ନିକଟ ଚୈତନ୍ୟ ଘାଟ, ମାନସିଂପାଟଣାର ମସ୍ତରାମ ମଠ ଓ ବଡ଼େଇସାହିରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ସ୍ମୃତି ରହିଛି ।

କେବଳ ରାଜ୍ୟ ଭିତରେ ନୁହେଁ ସମ୍ପ୍ରତି ସର୍ବଭାରତୀୟ ସ୍ତରରେ ବାଲିଯାତ୍ରା ନିଜର ବ୍ୟବସାୟିକ ବିପଣିକୁ ବହୁମୁଖୀ କରିପାରିଛି । ମେଦିନାପୁର ଠାରୁ ଝାଡ଼ଖଣ୍ଡ, ଟାଟା ନଗର ଠାରୁ ରାୟପୁର ପର୍ଯ୍ୟନ୍ତ ତଥା ଅନ୍ୟାନ୍ୟ ରାଜ୍ୟର ବ୍ୟବସାୟୀମାନେ ନିଜର ବଜାରକୁ ଏଠାରେ ଖୋଲୁଛନ୍ତି । ସରକାର ରାଜସ୍ୱ ପାଉଛନ୍ତି, ଆଉ ଯାତ୍ରୀ ନିଜ ମନ ପସନ୍ଦର ବାହାର ରାଜ୍ୟର କାରୁକାର୍ଯ୍ୟ ସମ୍ପନ୍ନ ଜିନିଷ ମଧ୍ୟ କିଣିପାରୁଛନ୍ତି । କେବଳ ସେତିକି ନୁହେଁ ଏଠାରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ ମଣ୍ଡପରେ ନିୟମିତ ସନ୍ଧ୍ୟାରେ ବାହାର ରାଜ୍ୟର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଆସୁଛି, ମଣିପୁର, ମେଘାଳୟ, ଗୁଜୁରାଟ, ପଶ୍ଚିମବଙ୍ଗ, ଆସାମ ଏପରିକି କେରଳରୁ ମଧ୍ୟ ବିଭିନ୍ନ ସାଂସ୍କୃତିକ ଟିମ୍ ଏଠାରେ ନିଜର କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରାଉଛନ୍ତି । ଯଦିଓ ପ୍ରାଚୀନ ଓଡ଼ିଶାର ଚାମ୍ପୁ, ଦାସକାଠିଆ, ପାଲା ଓ ରାମଲୀଳାକୁ ଦର୍ଶକ ଆଗ୍ରହ ରଖିଛନ୍ତି କିନ୍ତୁ ଗୋଟିଏ ବଡ଼ ଜିନିଷକୁ ବିଶେଷକରି ଗ୍ରାମାଞ୍ଚଳର ଲୋକମାନେ ନିଶ୍ଚିତ ଅନୁଭବ କରୁଛନ୍ତି ତାହା ହେଉଛି ଯାତ୍ରା ପାର୍ଟି । କାରଣ ବାଲିଯାତ୍ରାରେ କୌଣସି ଯାତ୍ରା ଅପେରା କେବେବି ପଡ଼ିନଥାଏ । ପ୍ରଶାସନ ଏ ନେଇ ଯଦିଓ ଅନୁମତି ଦେଉନାହିଁ ବୋଲି ସେମାନଙ୍କ ପକ୍ଷରୁ ଅଭିଯୋଗ ହେଉଛି ତଥାପି ଏ ନେଇ ସ୍ଥାନାଭାବ ସମ୍ବନ୍ଧରେ କେହି କେହି ମତ ଦିଅନ୍ତି କିନ୍ତୁ ଏନେଇ କୌଣସି ବିଧିବଦ୍ଧ ଆବେଦନ ପତ୍ର ସେମାନେ ପାଇନାହାନ୍ତି ବୋଲି ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ମତ । ଦୂର ଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଦିନ ଓ ସନ୍ଧ୍ୟାର ବେପାର ସଉଦା ପରେ ରାତ୍ରୀଟି ଅନ୍ତତଃ ଯାତ୍ରାନାଟ ଭିତରେ ହଜାଇ ସଖାଳୁ ଘରୁକୁ ଫେରି ପାରନ୍ତେ ବୋଲି ମତ ଦିଅନ୍ତି । ରାଜ୍ୟ ସରକାରଙ୍କ ସହଯୋଗରେ ରାଜ୍ୟର ସମସ୍ତ ଜିଲ୍ଲାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ହାତ ତିଆରି ଜିନିଷ ବିକ୍ରିବଟା କରାଇବା ତଥା ସରକାରଙ୍କ ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ଜିଲ୍ଲା ପ୍ରଶାସନର ଓରମାସ୍ ସଂସ୍ଥା ବିଧିବଦ୍ଧ ଭାବରେ ଏହାର ଦାୟିତ୍ୱ ନେଇଥାଏ । ଚଳିତ ବର୍ଷ ଗାନ୍ଧୀଶିଳ୍ପ ବଜାରରେ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜ୍ୟର ତିରିଶଟି ଜିଲ୍ଲା ସମେତ ଦେଶର ଛବିଶଟି ରାଜ୍ୟ ସ୍ୱୟଂ ସହାୟକ ଓ ଶିଳ୍ପଗୋଷ୍ଠୀ ଏଥର ବାଲିଯାତ୍ରାରେ ସେମାନଙ୍କ ସାମଗ୍ରୀ ବିକ୍ରି କରିବାଲାଗି ବ୍ୟବସ୍ଥା କରାଯାଇଛି। ତେବେ ଦୁଃସାହସିକ ମୌତ୍ କା କୂଆଁ ଏଥର ନିଜର ସାହାସିକ ଖେଳ କୌଶଳ ଦେଖିବାକୁ ମିଳିବ ନାହିଁ । ଗତ ବର୍ଷର ଅଭାବନୀୟ ଦୁର୍ଘଟଣା ପାଇଁ କମିଶନରେଟ୍ ପୋଲିସ ସେମାନଙ୍କୁ ଅନୁମତି ଦେଇନଥିବାର ସୂଚନା ମିଳିଛି ।

ବାଲିଯାତ୍ରାର ଘଟଣା ଅଘଟଣା ତ ବହୁତ । ମହିଳା ଓ ଯୁବତୀଙ୍କୁ ଦୁର୍ବ୍ୟବହାର କରି ପୋଲିସ ବିଭାଗର ମଞ୍ଚରେ ଉଠବସା ହେବାର ଅନୁଭୂତି ଯିଏବା ପାଇଥିବ ସେ ସାରା ଜୀବନ ବାଲିଯାତ୍ରାକୁ ହିଁ ମନେ ରଖିଥିବ । ତେବେ ଗହଳି ଭିତରେ ପକେଟମାରୁ ମଧ୍ୟ ସେମାନଙ୍କ ହାତ୍ ସଫାଇର କମାଲ ଦେଖାଇବାକୁ ଭୁଲି ନଥାନ୍ତି । ତେବେ ଚଳିତ ବର୍ଷ କ୍ଲୋଜ ସର୍କିଟ୍ କ୍ୟାମେରା ବିଶେଷ ଭାବରେ ଲଗାଯିବାର ବ୍ୟବସ୍ଥା ରହିଛି । ବାଲିଯାତ୍ରା ସମୟରେ ଜିଲ୍ଲା ପ୍ରାଶାସନ ଠାରୁ ମହାନଗର ନିଗମ, କମିଶନରେଟ୍ ପୋଲିସ ଠାରୁ ଦମକଳ ବାହିନୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଓ ଆଧ୍ୟାତ୍ମିକ ସଂଗଠନମାନେ ନିରନ୍ତର ସେବା ପ୍ରଦାନ କରିଥାଆନ୍ତି । ସେହିପରି ଉଲ୍ଲେଖନୀୟ ଘଟଣା ଥାଏ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏଠାରେ ଅନେକ ଛୋଟବଡ଼ ଅନୁଷ୍ଠାନ ନିଜର ପ୍ରଚାର, ପ୍ରସାର ପାଇଁ ବାଲିଯାତ୍ରାରେ ମାଗଣା ବିଜ୍ଞାପନ ଦେବାର ସୁଯୋଗ ପାଇଥାଆନ୍ତି ଯଦିଓ ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଡିଂ, କଟଆଉଟ, ବ୍ୟାନର ଓ ପୋଷ୍ଟରରୁ ରାଜସ୍ୱ ଆଦାୟ ପାଇଁ ବ୍ୟବସ୍ଥା ରହିଛି ତଥାପି ଏହି ଛୋଟବଡ଼ ଅନୁଷ୍ଠାନମାନେ ସେମାନଙ୍କ ବିଜ୍ଞାପନ ପ୍ରଦର୍ଶିତ କରିବାର ସୁଯୋଗକୁ ହାତଛଡ଼ା କରିନଥାନ୍ତି । ପୋଲିସର କଡ଼ା ନଜର ଭିତରେ ପକେଟମାରୁ ମାନଙ୍କ ବ୍ୟତୀତ ଗ୍ରାମାଞ୍ଚଳର ଠାଉରିଆ ଚୋର ଓ ଯୁଆଖେଳାଳୀ ଓ ନିଶାଡ଼ୀମାନେ ପୋଲିସର ନାକନିଶ ତଳେ ନିଜର ଭଲରକମର ଯାଦୁବିଦ୍ୟା ଦେଖାଇଥାଆନ୍ତି ।

ଚଳିତବର୍ଷ ମୌସୁମୀର ବିଳମ୍ବିତ ଢ଼ଙ୍ଗରଙ୍ଗ ନେଇ ଅନେକ ଗାଁ ଗହଳର ହାତ ତିଆରି ସାମଗ୍ରୀ ଏଥର କମ୍ ଆସିପାରେ । ତଥାପି ପ୍ରତିବର୍ଷ ଅପେକ୍ଷା ଚଳିତବର୍ଷ ମଧ୍ୟ ବିଭିନ୍ନ ଝୋଟ ସାମଗ୍ରୀ, ସୋଲ ତିଆରି ଜିନିଷ ଓ କାଇଁଚ ଜିନିଷ ବଜାରକୁ ଆସିବା ସମ୍ବନ୍ଧରେ ସୂଚନା ମିଳିଛି । ବାଲିଯାତ୍ରାରେ କଟକ ବ୍ୟତୀତ ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ଚଣ୍ଡୀଖୋଲ ଏପରିକି କେନ୍ଦ୍ରାପଡ଼ା ଅଞ୍ଚଳରୁ ଯାତ୍ରୀ ପରିବହନ ପାଇଁ ତିନିଚକିଆ ଅଟୋ ବ୍ୟତୀତ ଗ୍ରାମାଞ୍ଚଳରୁ ବିଶେଷକରି ରିକ୍ସାବାଲା ଏଠାରେ ନିଜର ପେଟପାଟଣା ତଥା ସପରିବାର ବାଲିଯାତ୍ରା ବୁଲା ପାଇଁ ଯଥେଷ୍ଟ ପୂର୍ବରୁ ବାଲିଯାତ୍ରା ଆଖପାଖ ଅଞ୍ଚଳରେ ଭିଡ଼ ଜମାଇଥାଆନ୍ତି । ସେହିପରି ପ୍ରତିବର୍ଷ ଏହି ସର୍ବବୃହତ୍ ମେଳା ପାଇଁ ଆବଶ୍ୟକ ହେଉଥିବା ଶ୍ରମଜିବୀ ଓ କୌଳିକ ବୃତ୍ତିଧାରୀ ଦିନ ମଜୁରିଆମାନଙ୍କ ସଂଖ୍ୟା କମିବାରେ ଲାଗିଥିବାରୁ ଛୋଟବଡ଼ ଦୋକାନ ଖୋଲିଥିବା ବେପାରିମାନେ ମଧ୍ୟ ବେଶ୍ ଚିନ୍ତିତ ।

ବାଲିଯାତ୍ରାରେ କଟକ ସହର ସତରେ ପୁରି ଉଠିଥାଏ । ମହାନଗରର ମାନ୍ୟତା ପାଇଥିଲେ ବି କଟକରେ ରହୁଥିବା ମୂଳ ଅଧିବାସୀଙ୍କ ଠାରୁ ଭଡାଟିଆଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଘରେ ବନ୍ଧୁକୁଣିଆଙ୍କ ଭିଡ଼ । ଢ଼େଙ୍କାନାଳରୁ ଆସି ବିଡ଼ାନାସୀର ନୂଆସାହିରେ ରହୁଥିବା ଜନୈକ ପୁରୁଣା କଟକିଆ ଶ୍ରୀକାନ୍ତ ସାହୁଙ୍କ ମତରେ 'ଯାହାବି ହେଲେ ଗାଁରୁ କୁଣିଆମୈତ୍ର ଆସିବେ, ତିସିଲା ବର୍ଷ ଦଶଜଣ ଆସିଥିବା ବେଳେ ଗତବର୍ଷ ସଂଖ୍ୟା ଥିଲା କୋଡ଼ିଏ, ଏବର୍ଷ ନିମନ୍ତ୍ରଣ ବ୍ୟତୀତ ସବୁ ମିଶାଇଲେ ତିରିଶ ଜଣ ଲୋକ ଯିବାଆସିବା କରି ରହିବେ । ତାଙ୍କ ମତରେ କଟକରେ ବନ୍ଧୁ ଘର କରନ୍ତି ବଡ଼ କଚେରୀ ହାଇକୋର୍ଟ ଓ ବଡ଼ମେଡ଼ିକାଲ ପାଇଁ କିନ୍ତୁ ବର୍ତ୍ତମାନ ସମସ୍ତଙ୍କ ଆଖିରେ ବାଲିଯାତ୍ରା ଆଉ ନଡାକିଲେ ବି ମୁହଁ ଫୁଲା କ'ଣ ବା କରିବା ? ସତରେ ବାଲିଯାତ୍ରା ସମୟରେ ଦଶହରାକୁ ଛାଡ଼ିଦେଲେ ସହରରେ ଘରେ ଘରେ କୁଣିଆ ।' ସେମାନଙ୍କ ଭିତରେ ଅପୂର୍ବ ଭାବନାବ, ସୁଖଦୁଃଖ ଓ ବନ୍ଧୁଖୋଜା ଲୋଡ଼ାର ନିବିଡ଼ ପରିବେଶ ସୃଷ୍ଟି କରିଥାଏ ଏହି ବାଲିଯାତ୍ରା । ଭିଡ଼ର ଗହଳିରେ ଚାକଚକ୍ୟର ରୂପରଙ୍ଗରେ ଆଖିବି ଖୋସି ଦେଇପାର, ମନଭରି କିଣିପାର, ଗହଳିରେ ହଜିପାର ଆଉ ନିଜକୁ ବି ଖୋଜିପାର । ପ୍ରତିବର୍ଷ ବାଲିଯାତ୍ରାର ରଙ୍ଗଢ଼ଙ୍ଗ ହିଁ ବଦଳୁଛି ଏହାରି ଭିତରେ ଗୌରବମୟ ଉତ୍କଳୀୟ ନୌବାଣିଜ୍ୟର ଅପୂର୍ବ ପରମ୍ପରାର ସ୍ମୃତିର ପଦଚିହ୍ନ ଦିଗ୍‌ବଳୟରେ ପ୍ରଜ୍ୱଳିତ ହେଉଥିବାବେଳେ ଏହି ମାଟିର ସାଧବପୁଅ ଦିନେ ସମଗ୍ର ବିଶ୍ୱରେ ନିଜ ରାଜ୍ୟକୁ ସମୃଦ୍ଧ ଓ ଗୌରବାନ୍ୱିତ କରୁଥିଲେ । ବାଲିଯାତ୍ରା ପାଇଁ କଳିଙ୍ଗ ବୀର ଏହି ଜାତିର ମଉଡ଼ମଣି ବିଜୁବାବୁଙ୍କ ଅବଦାନକୁ ଏ ମାଟି ନିଶ୍ଚିତ ମନେ ରଖିଛି । ତେବେ ଯାହାହେଉନା କାହିଁକି ବାଲିଯାତ୍ରା ସତରେ ଯୁଗ ଯୁଗର ଯାତ୍ରା, ଅଯୁତ ଯୁଗର ଯାତ୍ରା, ଚିର ପ୍ରତୀକ୍ଷାର ଅପାସୋରା ମୁହୂର୍ତ୍ତ......

**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ**

## ଆଜିର ଅନୁଚିନ୍ତା

"ନ ଇଦଂ ମମ" (ଏହା ମୋର ନୁହେଁ)–ଏହି ଦିବ୍ୟଭାବନା ମହାପୁଣ୍ୟ ଫଳରେ ଉଦୟ ହୁଏ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ନ୍ୟାୟ ପାଇବାରୁ ବଞ୍ଚିତ ଅସହାୟ ଗରିବ ଓ ମଧ୍ୟବିତ୍ତ

**ଆଶୁତୋଷ ନାୟକ**



ସ୍ୱାଧୀନତାର ୭୬ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାର ଓ ପୁଲିସ ପ୍ରଶାସନର ଦାୟିତ୍ୱହୀନତା ସମ୍ବେଦନହୀନତା ଏବଂ ଭ୍ରଷ୍ଟବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଉତ୍ତରଦାୟୀ । ଦୀର୍ଘ ୨୦୦ବର୍ଷରୁ ଅଧିକ ସମୟ ପ୍ରଯ୍ୟନ୍ତ ଅହଂକାରୀ ନିଷ୍ଠୁର ଅତ୍ୟାଚାରୀ ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଭଗତ ସିଂ ଜୟଗୁରୁ, ଶୁକଦେବ, ସୁବାଷ ବୋଷ, ତାନ୍ତିଆଟୋପେ ରାଣୀଲକ୍ଷ୍ମୀବାଇ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀ ଙ୍କର ତ୍ୟାଗ, ବଳିଦାନ, ଆପ୍ରାଣ ଉଦ୍ୟମ, ମାତୃଭୂମି ପାଇଁ ନିସ୍ୱାର୍ଥ ଭଲପାଇବା ପାଇଁ ଆମ ଦେଶ ଇଂରେଜମାନଙ୍କ ଗୁଲାମୀରୁ ମୁକ୍ତ ହେଇଥିଲା । ଆମ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱପ୍ନ, ଆଶା, ବିଶ୍ୱାସ, ଭରସା ଥିଲା ସ୍ୱାଧୀନତା ପ୍ରାପ୍ତି ପରେ ଗରିବ ଓ ମଧ୍ୟବିତ୍ତ ଅସହାୟ ଜନତା ଯେଉଁମାନେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ଥି ସଂଘର୍ଷ କରୁଛନ୍ଥି ସେମାନଙ୍କ ଜୀବନରେ ପରିବର୍ତ୍ତନ ଘଟିବ, ସେମାନଙ୍କୁ ନ୍ୟାୟ ମିଳିବ, ଉନ୍ନତ ଶିକ୍ଷା ସ୍ୱାସ୍ଥ୍ୟ ସେବା ଏବଂ ଉତ୍ତମ ପୃଷ୍ଟିକର ଖାଦ୍ୟ ମିଳିବ । କିନ୍ତୁ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଏହା 'ଆକାଶ କଇଁଆ ଚିଲିକା ମାଛ' ସଦୃଶ ।

ଆମ ସରକାର ଜନ୍ମ ରୁ ମୃତ୍ୟୁ ପ୍ରଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ମାଳ ମାଳ ବିଶ୍ୱସ୍ତରୀୟ ଐତିହାସିକ ଯୋଜନା ଲାଗୁ ପାଇଁ ପ୍ରଶଂସା ଏବଂ ପୁରସ୍କାର ଗୋଟାଉଛନ୍ତି । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଗରିବ ମଧ୍ୟବିତ୍ତ ଅସହାୟ ଜନତା ନ୍ୟାୟ ପାଇବା ପାଇଁ ଆଜିବି ସଂଘର୍ଷ କରୁଛନ୍ତି । 'ତେଲିଆ ମୁଣ୍ଡରେ ତେଲ 'ଏହି ଉକ୍ତି ସତ୍ୟ ପ୍ରମାଣିତ ହେଉଛି ।

ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭା ରେ ଦେଇଥିବା ମନ୍ତବ୍ୟ ଅନୁସାରେ ବର୍ତ୍ତମାନ ଆମ ଦେଶ ରେ ପାଖା ପାଖି ୫ କୋଟି ରୁ ଅଧିକ ମାମଲା ବିଭିନ୍ନ କୋର୍ଟ ରେ ବିଚ଼ାରଧୀନ ଅଛି। ଭାରତ ର ସର୍ବୋଚ୍ଚ୍ ଅଦାଲତ ସୁପ୍ରିମକୋର୍ଟ ରେ ୬୯୦୦୦ ରୁ ଅଧିକ ମାମଲା ଏବେବି ବିଚ଼ାରଧୀନ ଅଛି । ଏହା ବ୍ୟତୀତ ଆମ ଦେଶର ୨୫ ଟି ହାଇକୋର୍ଟ ରେ ୫୯ ଲକ୍ଷ ମାମଲା ଏବେବି ବିଚ଼ାରଧୀନ ଅଛି । ଏହିସବୁ ମାମଲା ର ତୁରନ୍ତ ବିଚ଼ାର ପାଇଁ ଆମ ସରକାର ଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନା ର ବିଷୟ । ଆମ ବ୍ୟବସ୍ଥା ର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଜନତା ନ୍ୟାୟ ପାଇବା ରୁ ବଞ୍ଚିତ ହେଉଛନ୍ତି । ଦିନକୁ ଦିନ ସାଧାରଣ ଜନତା ଆମ ସରକାର , ପ୍ରଶାସନ ଏବଂ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି ।

ରାଜଧାନୀ ଭୁବନେଶ୍ୱର ଏବଂ ବ୍ୟସ୍ତବହୁଳ ସର୍ବପୁରାତନ କଟକ ସହରକୁ ଅପରାଧୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ମୁକ୍ତ କରିବା ପାଇଁ ଓଡିଶା ସରକାର ୨୦୦୮ରେ କମିଶନରେଟ ପୁଲିସ କଟକ ଓ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ହୋଇଥିଲା । କମିଶନରେଟ ପୁଲିସର ଅଫିସିଆଲ ଲୋଗୋରେ 'ଆମେ ଯତ୍ନବାନ -ଆମେ ସାହସୀ' ସ୍ଲୋଗାନ ସ୍ଥାନିତ ହୋଇଛି । କିନ୍ତୁ ନେତା, ମନ୍ତ୍ରୀ, ରାଜନୈତିକଦଳର ବ୍ୟକ୍ତିବିଶେଷ ଏବଂ ତାଙ୍କର ଛତ୍ରଛାୟାରେ ଗଢି ଉଠିଥିବା ଅସାମାଜିକ ତତ୍ତ୍ୱ, ଗୁଣ୍ଡା, କ୍ରିମିନାଲ, ଅପରାଧୀ, ଗ୍ୟାଙ୍ଗଷ୍ଟାର ଭଳି ପ୍ରଭାବଶାଳୀ କୋଟିପତି ଯେଉଁମାନେ ବିଭିନ୍ନ ଅପରାଧ ଯେପରି ଧର୍ଷଣ, ଗଣଧର୍ଷଣ, ହତ୍ୟା, ଲୁଣ୍ଠନ, ଦଙ୍ଗା, ଗ୍ୟାଙ୍ଗୱାର, ଡକାୟତି ଭଳି ଜଘନ୍ୟ କାର୍ଯ୍ୟରେ ସଂଶିଷ୍ଟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାରେ କମିଶନରେଟ ପୁଲିସ ପଛଘୁଞ୍ଚା ଦେଉଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ । କେତେକ ଅସାଧୁ ଭ୍ରଷ୍ଟାଚାରୀ ପୋଲିସ ଅଫିସର ମାନଙ୍କ ସହିତ ଅପରାଧୀ ଅସାମାଜିକ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ରହିଥିବାର ବାରମ୍ବାର ଅଭିଯୋଗ ହୁଏ ଏବଂ ଅନେକାଂଶରେ ଏହା ସତ୍ୟ ପ୍ରମାଣିତ ହୁଏ । କମିଶନରେଟ ପୁଲିସ ଅଣ୍ଡରରେ ଏବେ କଟକ ଓ ଭୁବନେଶ୍ୱରର ୪୩ଟିପୁଲିସ ଷ୍ଟେସନ କାର୍ଯ୍ୟ କରୁଛି । ଓଡିଶା ସରକାରଙ୍କ ଗୃହ ରାଜ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୨୦୨୧ରେ ୧,୫୫୪୨୦ଟି ମାମଲା କମିଶନରେଟ ପୁଲିସ ପଞ୍ଜିକୃତ କରିଥିଲା ଏବଂ ୨୦୨୨ରେ ଏହା ରେକର୍ଡ ସ୍ତର ରେ ପହଞ୍ଚିଥିଲା ଯାହାକି ୧,୭୮୧୯୦ଟି ମାମଲା । ଏହି ରିପୋର୍ଟ ଅତ୍ୟନ୍ତ ଚ଼ିନ୍ତାଜନକ ଥିଲା ।

ଏହିଭଳି ପରିସ୍ଥିତିର ବାରମ୍ବାର ପୁନରାବୃତ୍ତି ଘଟିଲେ ଏହା ଆମ ସ୍ମାର୍ଟ ସିଟି ରାଜଧାନୀ ଭୁବନେଶ୍ୱର ଓ କଟକ ସହର କ୍ରାଇମ୍ କ୍ୟାପିଟାଲରେ ପରିଗଣିତ ହେବ । ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରର ୨୦୨୧ତଥ୍ୟ ଅନୁସାରେ ଅପରାଧୀ ମାନଙ୍କ ବିରୁଦ୍ଧରେ ଚ଼ାର୍ଜସିଟ ଫାଇଲ କରିବାରେ ଆମ ରାଜ୍ୟ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି । ଓଡିଶାର କନଭିକସନ ରେଟ ମାତ୍ର ୧୧.୨% ରହିଛି । ଏହା ଅତ୍ୟନ୍ତ ନୈରାଶ୍ୟଜନକ ଅଟେ । ଓଡିଶା ହାଇକୋର୍ଟଙ୍କ ଅଫିସିଆଲ ଡାଟା ଅନୁସାରେ ୦୯-ସେପ୍‌ଟେମ୍ବର -୨୩ ସୁଦ୍ଧା ସମୁଦାୟ ୧,୪୫୨୮୧ଟି ମାମଲା ହାଇକୋର୍ଟରେ ବିଚ଼ାର ନହୋଇ ଏବେବି ପଡିରହିଛି । ବିଭିନ୍ନ କୋର୍ଟରେ ବିଚ଼ାରଧୀନ ମାମଲା ଆମରାଜ୍ୟ ଓଡିଶାରେ ୯୮.୭% । ୨୦୨୧ରେ ପଞ୍ଜିକୃତ ହୋଇଥିବା ମାମଲା ମଧ୍ୟରୁ ୬,୯୫,୧୯୮ଟି ମାମଲା ଏବେବି ବିଚ଼ାର ନହୋଇ ପଡ଼ିରହିଛି । ସେହି ମାମଲା ଗୁଡ଼ିକର ଟ୍ରାଇଲ ଆଜି ପ୍ରଯ୍ୟନ୍ତ ଆରମ୍ଭ ହୋଇନାହିଁ । ଏପରି ଅନେକ ଘଟଣା ଯାହାକି ପୁଲିସର କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି । ଗତ କିଛି ବର୍ଷ ହେବ ଆମ ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରରେ ଅସାମାଜିକ ବ୍ୟକ୍ତି, ମଦ୍ୟପ, ପେଶାଦାର ଦୃଦାନ୍ତ ଅପରାଧୀ ଓ ଡକାୟତ ମାନଙ୍କର ଭୂସ୍ୱର୍ଗ ପାଲଟିଛି । ସେମାନେ ଅତ୍ୟନ୍ତ ଚ଼ତୁରତାର ସହ ବେଫିକର ହୋଇ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି । ଏପରିକି ରାଜଧାନୀରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ପାଦୁର୍ଭାବ ଏତେ ମାତ୍ରାରେ ବଢ଼ିଯାଇଛି ସେମାନେ ଏବେ ପୁଲିସ ଅଫିସରମାନଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି ।

ହକି ବିଶ୍ୱକପ ଅବ୍ୟାହତି ପୂର୍ବରୁ ଘଟିଥିଲା ଏକ ଅଭାବନୀୟ ଘଟଣା । ଭୁବନେଶ୍ୱର ମହିଳା ଥାନାରେ ଥିବା ସବ୍‌ଇନସ୍ପେକ୍ଟର ଶୁଭଶ୍ରୀ ନାୟକ ଡ୍ୟୁଟି ସାରି ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ପାର୍ଶ୍ୱରେ ଥିବା ରିଜର୍ଭ ଅଫିସ କ୍ୱାର୍ଟର୍ସକୁ ଫେରୁଥିଲେ । ସେତେବେଳେ ରାତି ୧:୩୦ ହୋଇଥିଲା । ସେହି ସମୟରେ ଇନୋଭା ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ପିଛା କରିଥିଲେ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ମଧ୍ୟରୁ ଜଣେ ଖଣ୍ଡା ଧରି ଚ଼ିତ୍କାର କରିଥିଲା । ପ୍ରାଣ ବିକଳରେ ସେହି ମହିଳା ଅଫିସର ସାହାଯ୍ୟ ପାଇଁ ନିଜର ସ୍ୱାମୀ ଓ ଭାଇଙ୍କୁ ଡାକିଥିଲେ । ଏବେ କିଛିଦିନ ପୂର୍ବରୁ ଏୟାରଫିଲଡ ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ଟି ହୃଦୟ ବିଦାରକ ଘଟଣା ପୁଣି ଥରେ କମିଶନରେଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚ଼ିହ୍ନ ଲଗାଇଛି । ଯୌତୁକ ପାଇଁ ଜଣେ ନିରୀହ ବଧୂ ଉପରେ ବର୍ବରତା ଓ ନିଷ୍ଠୁରତାର ସହ ହତ୍ୟା କରାଯାଇଛି । ଆଉ ଜଣେ ଅସାମାଜିକ ବ୍ୟକ୍ତି ୪ବର୍ଷର ଶିଶୁ କନ୍ୟାକୁ ବର୍ବରତାର ସହ ଦୁଷ୍କର୍ମ କରିବା ପରେ ଅତି ଜଘନ୍ୟ ଭାବେ ତଣ୍ଟିକାଟି ହତ୍ୟା କରିଥିଲା । ଏହା ଅତ୍ୟନ୍ତ ହୃଦୟ ବିଦାରକ ଓ ଲୋମହର୍ଷଣକାରୀ ଘଟଣା । ଆଉ ଜଣେ ବ୍ୟକ୍ତି ଯିଏକି ସଦାସର୍ବଦା ନିଶାଦ୍ରବ୍ୟ ସେବନ କରେ, ସେ ନିଜର ପ୍ରେମିକାକୁ ହତ୍ୟା କରି ଝୁଲାଇ ଦେଇଥିଲା। ଗୋଟିଏ ଦିନରେ ଭୁବନେଶ୍ୱର ଏୟାରଫିଲଡ଼ ଅଞ୍ଚଳରେ ତିନିଜଣ ମହିଳାଙ୍କୁ ହତ୍ୟା କମିଶନରେଟ ପୁଲିସର ଦାୟିତ୍ୱହୀନତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚ଼ିହ୍ନ ଲଗାଇଛି ।

ତେଣୁ ସମୟ ଆସିଛି ଆମ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମ୍ବେଦନତା ପ୍ରକାଶ କରନ୍ତୁ । ସମସ୍ତଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ଆମ ଭାରତୀୟ ଆଇନ ବ୍ୟବସ୍ଥାରେ ଏହା ଉଲ୍ଲେଖ ଅଛି ଯେ ଆଇନର ଉର୍ଦ୍ଧରେ କେହି ନୁହଁନ୍ତି। ଅପରାଧୀ ଯେତେବି ଶକ୍ତିଶାଳୀ, ପ୍ରଭାବଶାଳୀ, କ୍ଷମତାର ଅଧିକାରୀ ହୋଇଥିଲେବି ଆଇନି ଅନୁସାରେ ସେ ନିଶ୍ଚିତ ଦଣ୍ଡିତ ହେବେ। କିନ୍ତୁ ବାସ୍ତବରେ ଆମ ସମାଜରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ । ଯାହା ପାଖରେ ଅଜସ୍ର ଅର୍ଥ, କ୍ଷମତା, ପଦପଦବୀ ଥାଏ ସେ ଆଇନକୁ ପ୍ରଭାବିତ କରିପାରେ । 'ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ' ଏହି ଉକ୍ତି ସତ୍ୟ ପ୍ରମାଣିତ ହୁଏ । ଏବେ ଘଟିଥିବା ରେଞ୍ଜରୋଭର ଦୁର୍ଘଟଣା ମାମଲା ଏହାର ଜ୍ୱଳନ୍ତ ଉଦାହରଣ । କମିଶନରରେଟ ମୁଖ୍ୟାଳୟ ନିକଟ ପାୱାରହାଉସ ଛକରେ ପୂର୍ବତନ ମନ୍ତ୍ରୀ ନବଦାସଙ୍କ ପୁଅ ବିଶାଳ ଦାସଙ୍କ ରେଞ୍ଜରୋଭର ଗାଡି ଧକ୍କାରେ ଜଣେ ନିରୀହ ଯୁବତୀ ଲୋପାମୁଦ୍ରାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ଆଉ ଜଣେ ଅବସରପ୍ରାପ୍ତ ସିଆଇଏସଫ୍ ଯବାନ ଏବେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । କିନ୍ତୁ ଅତ୍ୟନ୍ତ ବିଡମ୍ବନାର ବିଷୟ ଏହାକି କମିଶନରେଟ ପୁଲିସ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି ।

**ଗୋପାଳପୁର,, ବାଲେଶ୍ୱର,,**
**ମୋବାଇଲ -୭୦୨୦୬୧୧୩୦୦**

# ବୋଇତ ବନ୍ଦାଣ ଉତ୍ସବ

**ବିପିନ ବିହାରୀ ରାଉତ**



### ଯାତରାର ନାମ ବାଲିଯାତ୍ରା

ଯେତେ ଦେଖିଲେ ବି ଦେଖା ସରୁନଥିବା କି' ମନ ଭରୁନଥିବା ଯାତ୍ରାର ନାଁ ବାଲିଯାତ୍ରା। ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ସହ ବାଣିଜ୍ୟ ଓ ମଉଜର ମଧୁର ସିମ୍ଫୋନିର ନାଁ ବାଲିଯାତ୍ରା। ଓଡ଼ିଶାର ସର୍ବପୁରାତନ ତଥା ସର୍ବବୃହତ୍ ମୁକ୍ତାକାଶ ବାଣିଜ୍ୟିକ ସାଂସ୍କୃତ ମେଳାର ନାଁ ବାଲିଯାତ୍ରା। ହଜାରେ ବର୍ଷର ସହର କଟକରେ ବାଲିଯାତ୍ରା ରୂପକ ଯାତ୍ରାର ବୟସ ବି ପାଞ୍ଚ ଶହ ବର୍ଷରୁ ଅଧିକ ବୋଲି ଇତିହାସ କହେ। ଗୋଟିଏ ପଟେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା, ସାଧବପୁଅ ସଂସ୍କୃତି ଓ ଐତିହ୍ୟର ଜୟଗାନ। ଅନ୍ୟପଟେ ବିନ୍ଦାସ ମଜା, ମଜଲିସ, ବୁଲାବୁଲି, ଖିଆପିଆ, ମନୋରଞ୍ଜନର ଐକ୍ୟତାନ। ଏ ଦୁଇଟିଯାକ ସମାନ୍ତର ଟ୍ରାକ ଉପରେ ଗତି କରୁଥିବା ଯାତ୍ରା ବା ମହୋତ୍ସବର ନାଁ ହେଉଛି ବାଲିଯାତ୍ରା। କଟକିଆଙ୍କ ପାଇଁ ବାଲିଯାତ୍ରା ଅନ୍ୟ ଅନେକ ମେଳା ମଉଚ୍ଛବ ପରି ଯାହାତାହି ଯାତ୍ରା ନୁହେଁ। ବରଂ ଯାବତୀୟ ଜୀବନ ଜଞ୍ଜାଳ ଭିତରେ ସହରବାସୀଙ୍କ ପାଇଁ ଏଇଟି ଏକ ଖାସ ମୁଗ୍ଧ ଅନୁଭବ। ଝଲକାଏ ପୁଲକର ଏକ ବହୁ ପ୍ରତୀକ୍ଷିତ ଅବସର। କଟକିଆଙ୍କ ଜୀବନଧାରାର ଏକ ଅବିଚ୍ଛେଦ୍ୟ ଅଂଶବିଶେଷ। ଦଶହରା ଯଦି କଟକର ଗଣ-ପର୍ବ ହୁଏ, ତେବେ ବାଲିଯାତ୍ରା ହେଉଛି ଗଣ ମହୋତ୍ସବ। ଯେଉଁଥିପାଇଁ ଧୂଳି, ବାଲିରେ ନାକ ରୁନ୍ଧି ହୋଇଯାଉଥିଲେ ବି ଭିଡ଼ରେ ନିଃଶ୍ୱାସ ଅଟକି ଯାଉଥିଲେ ବି ଲୋକେ ବାଲିଯାତ୍ରା ପଡ଼ିଆରେ ଅଧରାତି ଯାଏ ବୁଲୁଥାନ୍ତି। ଶୀତ କାକର ଭିତରେ ବି ଆଇସକ୍ରି ଚୁସ କରୁଥାନ୍ତି। ବାଲିଯାତ୍ରାର ସବୁଠୁ ବଡ଼ ବୈଶିଷ୍ଟ୍ୟ ହେଲା ଏହାର ବିଶାଳ ଆକାର ଓ ବିପୁଳ ସମ୍ଭାର। ଉପର ଓ ତଳ ପଡ଼ିଆ ସମେତ ଚାରିକଡ଼କୁ ମାଡି ଏ ଯାତ୍ରା ବ୍ୟାପିଥାଏ ବେଶ କିଛି ମାଇଲ। ପୁଣି ଜିରାଠୁ ହୀରାଯାଏ, ସୁନାଠୁ ଶୁଖୁଆଏ, ଶିଳ, ଚକି, ଝାଡୁ, ବିଞ୍ଚଣାଠୁ ଅତ୍ୟାଧୁନିକ ସଉକିନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯାଏ.. ସବୁକିଛି ମିଳେ ଏଠି ଗୋଟିଏ ଠାରେ, କିଛିଟା ଶସ୍ତାରେ।

କୁହାଯାଏ ସତ୍ୟ ଯୁଗ ପରି ଯୁଗ ନାହିଁ, ଗଙ୍ଗା ପରି ନଦୀ ନାହିଁ, ଭାରତ ପରି ଦେଶ ନାହିଁ, କାର୍ତ୍ତିକ ପରି ମାସ ନାହିଁ, ବାଲିଯାତ୍ରା ପରି ଯାତ୍ରା ହିଁ ନାହିଁ । ହଜାରେ ବର୍ଷର ସମୃଦ୍ଧିରେ ପରିପୂର୍ଣ୍ଣ କଟକ ନଗରୀର ମହାନଦୀ କୂଳରେ ବେଶ ଯାକଜମକରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା ନିଜ ସାଜସଜ୍ଜା, ଗହଳ, ରଙ୍ଗଢ଼ଙ୍ଗ ଆଉ ଆକାର ପ୍ରକାର ସବୁ ଯାତ୍ରାଠାରୁ ଭିନ୍ନ । ମନୋରଞ୍ଜନ ଓ ମହୋତ୍ସବର ମହଲ ହେଉଛି କଟକ ବାଲିଯାତ୍ରା । ଏହାର ଆକର୍ଷଣକୁ ମୂର୍ଚ୍ଛି ପାରେନା ମଣିଷ । ଯାତ୍ରା ପ୍ରତି ମୋହଲାଗେ । କିଛି କିଣେ, କିଛି ବିକେ । ଆସେ ଦୂର ଦୂରାନ୍ତରୁ । ଯାଏ କିଛି ସ୍ମୃତି ନେଇ । ସେ ସ୍ମୃତି ଲାଭର ହେଉ ବା କ୍ଷତିର, ସେ ସ୍ମୃତି ସଂଯୋଗର ହେଉ ବା ବିଯୋଗର, ତଥାପି କିଛି ନୂଆ ସମ୍ପର୍କର ବାଲିରେଣୁ ଦେହରେ ବୋଳି ହେବାକୁ ମନ ଅଟକିଯାଏ କଟକର ଏଇ ନଈପଠାରେ। ଦିନରେ ବାଲିଯାତ୍ରାରେ ପହଡ଼, ରାତିକି ଭିଡ଼ । ଏହା ନ ଦେଖିଲେ ମନ ବୁଝେନା । ଥରେ ବୁଲିଆସିଲେ ଆଉ ଯିବାକୁ ବି ଇଚ୍ଛା ହୁଏ ନାହିଁ । ନୂଆ ଲୋକଟି ଗଳିର ସହର କଟକରେ ବାଟବଣା ହୁଏ ଅଥଚ ବାଲିଯାତ୍ରା ଠିକଣା ହଜାଏ ନାହିଁ । ଆଖୁ କିଆରିରେ ପଶିବା ଭଳି ଲାଗେ । ବହୁତ କିଣିବାକୁ ଇଚ୍ଛା କରି କିଛି କିଣିପାରେନା । ଇଏ ପରା ବାଲିଯାତ୍ରା । ବାଲିଯାତ୍ରାର ଘୋ ଘା ରେ ସହର ମୁଖରିତ ହୁଏ । ମା ଦୁର୍ଗାଙ୍କର ମେଲାଣି ପରେ ଇଏ ଥାଏ କଟକର ବର୍ଷ ତମାମର ଶେଷ ଗହଳି ।

ଆଜି ହେଉଛି କାର୍ତ୍ତିକ ପୂର୍ଣ୍ଣିମା, ଡଙ୍ଗା ଭସା ପର୍ବ । ପିଲାଠାରୁ ବୁଢ଼ା ଯାଏଁ ସମସ୍ତେ ପ୍ରାତଃକାଳରୁ ଗାଧୋଇ ପାଧୋଇ ନଈ, ନାଳରେ ଡଙ୍ଗା ଭସାଇବା ପାଇଁ ବାହାରବେ । ଏହାଦ୍ୱାରା ଯୁଗ ଯୁଗ ଧରି ଚାଲି ଆସୁଥିବା ବୋଇତ ବନ୍ଦାଣ ଉତ୍ସବର ପରମ୍ପରାକୁ ଉଜ୍ଜିବୀତ କରି ରଖାଯାଇଛି । କଳିଙ୍ଗର ବୀର ସାଧବଙ୍କ ଗାଥା ବହନ କରୁଛି ଏହି ଉତ୍ସବ । କାର୍ତ୍ତିକ ପୂର୍ଣିମା ସହିତ ଓଡ଼ିଶାର ପ୍ରାଚୀନ ଇତିହାସ ଓତଃପ୍ରୋତ ଭାବେ ଜଡ଼ିତ । ଐତିହାସିକ ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କଲେ ସ୍ୱଷ୍ଟ ପ୍ରତୀୟମାନ ହୁଏ ଯେ ସମଗ୍ର ବିଶ୍ୱରେ ଭାରତ ଯେତେବେଳେ ଶୌର୍ଯ୍ୟ, ବୀର୍ଯ୍ୟ ଓ ସମ୍ପଦର ଚରମସୀମାରେ ଉପନୀତ ସେତେବେଳେ କଳିଙ୍ଗ ବା ଓଡ଼ିଶା ଥିଲା ତାର ମଉଡମଣି ତୁଲ୍ୟ । ଜଣାଯାଏ ଯେ ବୁଦ୍ଧଦେବଙ୍କ ଆବିର୍ଭାବର ବହୁ ପୂର୍ବରୁ କଳିଙ୍ଗ ନୌବାଣିଜ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିଲା । ଖ୍ରୀଷ୍ଟପୂର୍ବ ପଞ୍ଚମ ଓ ଷଷ୍ଠ ଶତାବ୍ଦୀ କାଳରେ ଓଡ଼ିଶାରେ ନୌବାଣିଜ୍ୟ ପ୍ରଚଳିତ ଥିବା ସୂଚିତ ହୁଏ । ବୌଦ୍ଧଜାତକରୁ ଦୃଷ୍ଟିଗୋଚର ହୁଏ ଯେ, ବ୍ରହ୍ମଦେଶର ଦୁଇ ବଣିକ ଭ୍ରାତା ତପୁସ ଓ ପାଲିକତ ବୁଦ୍ଧଦେବଙ୍କୁ ଉପହାର ଦେବା ସକାଶେ ବୋଇତରେ ପାଞ୍ଚ ଶହ ଶଗଡ଼ ସାମଗ୍ରୀ ବୋଝେଇ କରି ମଗଧ ଯିବା ପଥରେ ବଙ୍ଗୋପସାଗର ଅତିକ୍ରାନ୍ତ ପୂର୍ବକ କଳିଙ୍ଗର ଆଡ଼ଜିତ୍ ବନ୍ଦରରେ ଅବତରଣ କରିଥିଲେ । ଅତଏବ ଆଡ଼ଜିତ୍ ସେ ସମୟରେ ଓଡ଼ିଶାର ଉପକୂଳବର୍ତ୍ତୀ ଏକ ପୋତାଶ୍ରୟ ଥିଲା ଏଥିରୁ ସ୍ୱଷ୍ଟ ହୋଇଥିଲା ।

ମେଘାସ୍ଥିନିସ୍‌ଙ୍କ ଭାରତ ବିବରଣୀରୁ ପରିଲକ୍ଷିତ ହୁଏ ଯେ ଖ୍ରୀଷ୍ଟପୂର୍ବ ଚତୁର୍ଥ ବା ପଞ୍ଚମ ଶତାବ୍ଦୀ କାଳରେ ମଧ୍ୟ ଲଙ୍କାଦ୍ୱୀପ ସହିତ କଳିଙ୍ଗର ହାତୀ କାରବାର ଚାଲୁ ରହିଥିଲା । ହାତୀଗୁମ୍ଫା ଅନୁଶାସନରେ ମଧ୍ୟ ସମ୍ରାଟ ଖାରବେଳ ପାଣ୍ଡ୍ୟ ରାଜାଙ୍କ ଠାରୁ ହାତୀ ବୋଇତ ଉପହାର ପାଇଥିବାର ପ୍ରମାଣ ରହିଛି । ଏଥିରୁ ସ୍ୱଷ୍ଟ ଅନୁମାନ କରାଯାଇପାରେ ଯେ, ଖ୍ରୀଷ୍ଟପୂର୍ବ ଦୁଇଶହ ବର୍ଷ ପୂର୍ବେ ମଧ୍ୟ ଲଙ୍କା ବା ପଣ୍ୟ ରାଜ୍ୟ ସହିତ କଳିଙ୍ଗର ବାଣିଜ୍ୟ ସମ୍ପର୍କ ସ୍ଥାପିତ ହୋଇଥିଲା । ଅଶୋକଙ୍କ କଳିଙ୍ଗ ବିଜୟର ବହୁ ପୂର୍ବରୁ କଳିଙ୍ଗର ଲୋକମାନେ ବ୍ରହ୍ମଦେଶରେ ଉପନିବେଶ ସ୍ଥାପନ କରିଥିବାର ଜଣାଯାଏ । ମାଲୟେସିଆର ଲୋକମାନେ ଏବେ ମଧ୍ୟ ଭାରତୀୟମାନଙ୍କୁ କ୍ଲିଙ୍ଗ ବୋଲି ସମ୍ବୋଧନ କରନ୍ତି । ଏହି କ୍ଲିଙ୍ଗ ପ୍ରାଚୀନ କଳିଙ୍ଗ ଶବ୍ଦର ଅପଭ୍ରଂଶ ବ୍ୟତୀତ ଆଉ କିଛି ନୁହେଁ । ଚୀନ ପରିବ୍ରାଜକ ହୁଏନସାଂ ଏବଂ ଇ.ସିଂଙ୍କ ବିବରଣୀରୁ ମଧ୍ୟ ପ୍ରାଚୀନ କାଳରେ କଳିଙ୍ଗ ନୌବାଣିଜ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା କଥା ଜଣାଯାଏ । ଖ୍ରୀଷ୍ଟିୟ ଷଷ୍ଠ ଶତାବ୍ଦୀ କାଳରେ ନିର୍ମିତ ଭୁବନେଶ୍ୱରସ୍ଥ ବୈତାଳ ମନ୍ଦିର ପ୍ରତି ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ ଯେ ଏହାର ଶର୍ଷଦେଶ ବୋଇତ ଢ଼ାଞ୍ଚାରେ ନିର୍ମିତ । ଅର୍କକ୍ଷେତ୍ର କୋଣାର୍କ ସମ୍ପର୍କରେ ଶାମ୍ବପୁରାଣରେ ଯେଉଁ ବର୍ଣ୍ଣନା ରହିଛି ସେଥିରୁ ମଧ୍ୟ କଳିଙ୍ଗର ପ୍ରାଚୀନ ନୌଯାତ୍ରା ସମ୍ପର୍କରେ କେତେକ ଆଭାସ ମିଳେ । ଏହି ପୁରାଣରେ ଉଲ୍ଲେଖ କରାଯାଇଛି ଯେ କୋଣାର୍କ ମନ୍ଦିରରେ ସୌରଦେବତାଙ୍କୁ ଅଣାଯାଇଥିଲା । କାରଣ ସେହିମାନେ ପ୍ରକୃତ ସୌର ଉପାସକ ରୂପେ ପରିଗଣିତ ହେଉଥିଲେ । ତେଣୁ ପର୍ସିଆରୁ ପୁରୋହିତ ଅଣାଯିବା ପ୍ରସଙ୍ଗରୁ ମଧ୍ୟ କୋଣାର୍କ ଏକ ସାମୁଦ୍ରିକ ପୋତାଶ୍ରୟ ଥିବା ଜଣାଯାଏ ।

ଖ୍ରୀଷ୍ଟିୟ ପଞ୍ଚମ ଶତାବ୍ଦୀରେ ଚୀନ ଓ ଉତ୍କଳ ରାଜାଙ୍କ ମଧ୍ୟରେ ଉପଢ଼ୌକନ ବିନିମୟ ହେଉଥିବା ଲଳିତ ବିସ୍ତର ଓ ସିୟୁକି ପ୍ରଭୃତି ବୌଦ୍ଧ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି । ରୋମସାମ୍ରାଜ୍ୟ ସହିତ ମଧ୍ୟ କଳିଙ୍ଗର ନୌବାଣିଜ୍ୟ ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା । କଳିଙ୍ଗର ସୂକ୍ଷ୍ମ ବସ୍ତ୍ର ବ୍ୟତୀତ ସମ୍ବଲପୁର ହୀରା ମଧ୍ୟ ସେଠାରେ ବିଶେଷ ଆଦର ଲାଭ କରିଥିଲା । ସମ୍ରାଟ ଖାରବେଳଙ୍କ ରାଜତ୍ୱ କାଳରେ ପାରସ୍ୟ ଉପକୂଳରେ କଳିଙ୍ଗର ବାଣିଜ୍ୟ କାରବାର ଚାଲୁଥିବା କଥା ଜୟସ୍ୱାଲ ପ୍ରମାଣ କରିଛନ୍ତି । କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ କଳିଙ୍ଗର ସାଧବ ପୁଅ ପାଲଟଣା ବୋଇତ ମାନଙ୍କରେ ସ୍ୱଦେଶୀ ରେଶମୀ ପାଟ, ସୂକ୍ଷ୍ମ ବସ୍ତ୍ର, ବିଭିନ୍ନ ସୁଗନ୍ଧ ଦ୍ରବ୍ୟ, କାରିଗର ଶିଳ୍ପ ସାମଗ୍ରୀ ଓ ସମ୍ବଲପୁର ଅଞ୍ଚଳର ବିଖ୍ୟାତ ହୀରା ନେଇ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ବାଲିଦ୍ୱୀପ ପ୍ରଭୃତିକୁ ଯାତ୍ରା କରୁଥିଲେ । ଏହି ସେହି ଦ୍ୱୀପମାନଙ୍କର ଏହି ସାମଗ୍ରୀ ବିକ୍ରି କରି ସ୍ୱଦେଶ ଅଭିମୁଖେ ଅଜସ୍ର ଧନସଂପଦ ଧରି ବାହୁଡ଼ି ଆସୁଥିଲେ । ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଜଣାଯାଏ ଯେ, ବର୍ଷର ଏହି ସମୟରେ ସାଧାରଣତଃ ଉତ୍ତର ଦିଗରୁ ପବନ ବହେ । ଯାହାଫଳରେ ପାଲଟଣା ବୋଇତଗୁଡ଼ିକ ଅନାୟାସରେ ଦରିଆ ପାର ହୋଇ ଉପରୋକ୍ତ ଦ୍ୱୀପମାନଙ୍କୁ ଯାତ୍ରା କରିପାରେ । ସେହିପରି ବେପାର ଶେଷ ବେଳକୁ ଆଷାଢ଼ ମାସର ଆରମ୍ଭରେ ପଶ୍ଚାତରୁ ପ୍ରବାହିତ ବାୟୁ ସଂଘାତ ଫଳରେ ଜାହାଜ ଗୁଡ଼ିକ ସୁରୁଖୁରୁରେ ବାହୁଡ଼ି ଆସେ । ତେଣୁ ବୋଇତ ଭସାଣବେଳେ ଉଚ୍ଚାରିତ 'ଆ, କା, ମା, ବୈ'ରୁ ଏହି ସମୟ ବାଣିଜ୍ୟ ପାଇଁ ଅନୁକୂଳ ପ୍ରତିପାଦିତ ହୋଇଥାଏ । ପ୍ରାଚୀନ କାଳରେ କଳିଙ୍ଗ ବାଣିଜ୍ୟ, ବ୍ୟବସାୟ, ସ୍ଥାପତ୍ୟ, ଶିଳ୍ପକଳା, ସଭ୍ୟତା ଓ ସଂସ୍କୃତି କ୍ଷେତ୍ରରେ ଚରମସୀମାରେ ଉପନୀତ ହୋଇଥିଲା । ସେହି ଗୌରବକୁ ସ୍ମରଣ କରିବା ସକାଶେ ଏବେ ପାରାଦ୍ୱୀପ ଓ ଚାନ୍ଦବାଲି ଠାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହେଉଛି । ସେଦିନର ସତ୍ୟ ଆଜିର ସ୍ମୃତିରେ ପରିଣତ ହୋଇ କେବଳ ବାଲିଯାତ୍ରା ଓ ବୋଇତ ବନ୍ଦାଣ ମାଧ୍ୟମରେ ଆମମାନଙ୍କୁ ସାମାନ୍ୟ ଆନନ୍ଦ ମାତ୍ର ପ୍ରଦାନ କରୁଛି ।

ଏକ ନିଆରା ଅନୁଭବ ନେଇ ବାଲିଯାତ୍ରା ସଦର୍ପେ ନଈପଠାରେ ସୁନ୍ଦରୀ ସାଜିଛି । ଖାଲି ଖାଲି ଲାଗୁଥିବା ମହାନଦୀର ଏହି ନିର୍ଜନ ପଠା ଜୀବନ ଜୀବିକାକୁ ନେଇ ବେଶ୍ ବ୍ୟସ୍ତବହୁଳ । ରଙ୍ଗବେରଙ୍ଗ ଆଲୋକର ମେଖଳା ଭିତରେ ଦୂର ଅତୀତର ଗୌରବମୟ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ବିଜଡ଼ିତ ପଦଚିହ୍ନ ବେଶ୍ ଭାବଗର୍ଭକ । ସାଧବପୁଅଙ୍କୁ ସମଗ୍ର ବିଶ୍ୱରେ ନିଜ ମାଟି ମାକୁ ସମ୍ମାନର ସହ ପ୍ରତିଷ୍ଠିତ କରିବା ପାଇଁ ଯେଉଁ ମହାନ୍ ବ୍ୟକ୍ତିତ୍ୱଙ୍କର ଅବଦାନକୁ ସମସ୍ତେ ବିନମ୍ରତାର ସହ ସ୍ମୃତି ଚାରଣ କରିଥାନ୍ତି, ସେ ହେଉଛନ୍ତି ଏ ଜାତିର ମଉଡ଼ମଣି କଳିଙ୍ଗବୀର ବିଜୁବାବୁ । ସେଥିପାଇଁ ଅନେକ ବି କହନ୍ତି, ବାଲିଯାତ୍ରା ସହ ବିଜୁବାବୁଙ୍କ ସମ୍ପର୍କ ଥିଲା ବେଶ୍ ନିବିଡ଼ । ଇଣ୍ଡୋନେସିଆର ଭୂମିପୁତ୍ର ଭାବେ ନିଜକୁ ତଥା ନିଜ ଜାତିର ଗୌରବାନ୍ୱିତ କରିଥିବା ଏଇ ତୁଙ୍ଗ ବ୍ୟକ୍ତିତ୍ୱଙ୍କ ପାଖରେ ଏ ବାଲିଯାତ୍ରା ଅବସରରେ ଯାତ୍ରୀମାନେ ଭକ୍ତିପୂତ ଭାବରେ ନିଜର ମଥାନତ କରିଥାନ୍ତି ।

**ଯୁଗ୍ମ କାର୍ଯ୍ୟନିର୍ବାହୀ 'ଓରମାସ',**
**ଭୁବନେଶ୍ୱର ଦୂରଭାଷ :**
**୯୪୩୭୬୬୬୪୫୩**




# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ତରଫରୁ ଆଲୋଚନା ଚକ୍ର ଆୟୋଜିତ



**ଭୁବନେଶ୍ୱର,(ପିଏନ):**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ତରଫରୁ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ବିଭାଗର ମୁଖ୍ୟା ପ୍ରଫେସର ପ୍ରଣତି କୁମାରୀ ସାହୁ ସଭାପ୍ରତିତ୍ୱ କରି ଆଲୋଚନାର ଆଭିମୁଖ୍ୟ ପ୍ରଦାନ କରିଥିଲେ।ପ୍ରଥମ ଦିନରେ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ ମହର୍ଷି ପରାଶର , ଗୁରୁ ଗର୍ଗ ଆର୍ଯ୍ୟଭଟ୍ଟ, ବରାହମିହିର ପ୍ରଭୃତି ଜ୍ୟୋତିଷଶାସ୍ତ୍ରବିତ୍ ମାନଙ୍କର ବହୁମୂଲ୍ୟ ତଥ୍ୟ ମାନ ଉପସ୍ଥାପନ କରି ଅଦ୍ୟତମ ଯୁଗରେ ଏହି ଶାସ୍ତ୍ରର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ବହୁ କାହାଣୀ ମାଧ୍ୟମରେ ମାନବ ଜୀବନରେ ସ୍ୱପ୍ନ ଓ ତାକୁ ପୂରଣ କରିବାପାଇଁ ଉତ୍ତମ ପନ୍ଥା , ପୂର୍ବପ୍ରସ୍ତୁତି ଓ ଆର୍ଶୀବାଦ ଉପରେ ଗୁରୁତ୍ୱ ଦେଇଥିଲେ। ଦ୍ୱିତୀୟ ଦିନରେ ଓଡ଼ିଶାର ବିଶିଷ୍ଟ ସଂସ୍କୃତ ବିଦ୍ୱାନ୍? ଡ.ନିରଞ୍ଜନ ପତି ନୈଦିନ ଜୀବନରେ ବୈଦିକ ଅନୁଶୀଳନ ଓ ବୈଦିକ ଦେବତାମାନଙ୍କର ପ୍ରଭାବ ଉପରେ ଏକ ତାତ୍ତ୍ୱିକ ଅଭିଭାଷଣ ଦେଇଥିଲେ। ଗାୟତ୍ରୀ ମନ୍ତ୍ର ଓ ମହାମୃତୁଞ୍ଜୟ ମନ୍ତ୍ରର ପ୍ରତ୍ୟେକ ଟି ଶବ୍ଦର ବିଶଦ ବ୍ୟାଖ୍ୟା କରି ଛାତ୍ରୀ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେବା ସହ , ବାକ୍ , ଶିବ ସଂକଳ୍ପ,ସଂଜ୍ଞାନ ପ୍ରଭୃତି ସୂକ୍ତ ସବୁରେ ମାନବ ଚରିତ୍ରର ବିକାଶ, ରାଷ୍ଟ୍ରର ହିତ କିପରି ଭାବରେ ଅଭିବ୍ୟକ୍ତ ହୋଇଛି ତାହା ଉପରେ ନିଜର ସୁଚିନ୍ତିତ ମତାମତ ଦେଇ ଛାତ୍ରୀମାନଙ୍କୁ ସେହି ଦିଗରେ ଗବେଷଣା କରିବାପାଇଁ ପ୍ରେରଣା ଦେଇଥିଲେ।ବିଭାଗର ୧୦୦ ଜଣଛାତ୍ରୀ ଦୁଇଦିନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଅନେକ ଆଧାପକ ଓ ଅଧାପିକା ଯୋଗଦେଇ ନିଜର ଅଭିମତ ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପିକା ଡ.ଦୀପ୍ତିମୟୀ ମିଶ୍ର ଧନ୍ୟବାଦ ଦେଇଥିଲେ। ସଭାର ଆୟୋଜନ ତଃ ନୀଳମାଧବ ପ୍ରଧାନ ଓ ପରିଚାଳନା ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶନୀ କରିଥିଲେ।

# ଫୁଲବାଣୀ ପ୍ରାଣୀ ସମ୍ପଦ ପକ୍ଷରୁ ଗୋପୂଜନ ଓ ଗୋ ସୁରକ୍ଷା ପାଳିତ



**ଫୁଲବାଣୀ:(ସୂର୍ଯ୍ୟ ନାରାୟଣ ବେହେରା):**ଫୁଲବାଣୀ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଗତ ୧୯ ତାରିଖ ଦିନ ବିଭାଗୀୟ କାର୍ଯ୍ୟାଳୟରେ ୭୨ତମ ଗୋ ସୁରକ୍ଷା ସପ୍ତାହର ଉଜାପନି ଦିବସ ପାଳନ ହୋଇଯାଇଛି । ସହରର ପ୍ରାୟ ୨୦ ରୁ ଅଧିକ ଚାଷୀ ୩୦ ରୁ ଅଧିକ ଗାଇଙ୍କୁ ଆଣି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ବିଧି ମୁତାବକ ଗୋମାତାଙ୍କୁ ପୂଜା ଅର୍ଚ୍ଚନା ପରେ ଚାଷୀଙ୍କୁ ବିଭାଗ ପକ୍ଷରୁ ଗୋ ପାଳନ ଓ ଗୋ ସୁରକ୍ଷା ଉପରେ ସଚେତନ କରାଯାଇଥିଲା । ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡ଼.ସଂଜୀତ ପଟେଲ , ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସକ ଡ଼.ପଙ୍କଜ ପଟ୍ଟନାୟକ , ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଡ଼.ପ୍ରଭାକର ମିଶ୍ର ଓ ଫୁଲବାଣୀ ପ୍ରାଣୀ ଚିକିତ୍ସାଳୟର ଉପ ନିର୍ଦ୍ଦେଶକ ଡ଼.ଆଶିଷ କୁମାର ଦୋରା ଓ ଜିଲ୍ଲା ବିଭାଗୀୟ ସଂଯୋଜିକା ଡ଼.ଅଳକା ପଟ୍ଟନାୟକ ଓ ଫୁଲବାଣୀ ପ୍ରାଣୀ ଚିକିତ୍ସାଳୟର ଡ଼.ସଂଗ୍ରାମ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତଦାରଖ ଓ ପରିଚାଳନା କରିବା ସହ ଚାଷୀଙ୍କୁ ଗୋମାତା ପାଳନ ସୁରକ୍ଷା ଓ ସରକାରୀ ଯୋଜନା ନେଇ ପରାମର୍ଶ ଦେଇଥିଲେ । ପରେ ଗାଈ ମାନଙ୍କ ପାଇଁ ବିଭାଗ ପକ୍ଷରୁ ଔଷଧ , ପୃଷ୍ଟିକର ପ୍ରୋଟିନ ଓ ଭିଟାମିନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସୁନାମୁଦି ଠାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସଂଗ୍ରାମୀ ବୀର ସୁନାଙ୍କ ଜନ୍ମ ଜୟନ୍ତୀ ପାଳିତ




ପାଟଣାଗଡ,୨୧।୧୧(ପିଏନ) : ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡସ୍ଥ ସୁନାମୁଦି ଗ୍ରାମରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସଂଗ୍ରାମୀ ସ୍ୱର୍ଗତଃ ବୀର ସୁନାଙ୍କ ଜୟନ୍ତୀ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ବୀରସୁନା ସ୍ମୃତି କମିଟି ଓ ଜିଲ୍ଲା ଦଳିତ ସମାଜ ବଲାଙ୍ଗିର ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ସୁନାମୁଦି ଗ୍ରାମରେ ଏକ ଶୋଭାଯାତ୍ରା କରାଯାଇଥିଲା । ପରବର୍ତ୍ତୀ ସମୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଯୋଜନା ବୋର୍ଡର ସଦସ୍ୟ ତଥା ବଲାଙ୍ଗିର ମ୍ୟୁନିସିପାଲଟି ୱାର୍ଡ ନମ୍ବର ୭ ର କାଉନସିଲର ଶମ୍ଭୁ ନାଗ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ବଲାଙ୍ଗିର ମ୍ୟୁନିସିପାଲଟି ୱାର୍ଡ ନମ୍ବର ୧୩ ର କାଉନସିଲର ତଥା ଦଳିତ ନେତା କିଶୋର କୁମ୍ଭାର, ଜିଲ୍ଲା ଦଳିତ ଶିକ୍ଷକ ସଂଘର ସଭାପତି ବସୁଦେବ ମୁଗ୍ରୀ ଅବସରପ୍ରାପ୍ତ ସୈନୀକ କବିରାଜ ଶବର ଓ ନବୀନ କାଲସାଏ ମଞ୍ଚାସୀନ ଥିଲେ । ସଂଗ୍ରାମୀ ବୀର ସୁନାଙ୍କ ଫଟୋଚିତ୍ରରେ ଦ୍ୱୀପ ପ୍ରଜ୍ଜଳନ ଓ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଅତିଥିମାନେ ତାଙ୍କର ବକ୍ତବ୍ୟ ରଖି ସଂଗ୍ରାମୀ ବୀର ସୁନାଙ୍କ ସ୍ମୃତିଚାରଣ କରିବା ସହିତ ଏଭଳି ଜଣେ ସ୍ୱତନ୍ତ୍ରତା ସେନାନୀ ଙ୍କୁ ପ୍ରଶାସନୀକ କ୍ଷେତ୍ରରେ ଅବହେଳା କରାଯାଇଛି ବୋଲି ଅସନ୍ତୋଷ ପ୍ରକାଶ କରିଥିଲେ । ତାଙ୍କୁ ଉଚିତ ନ୍ୟାୟ ମିଳିବା ପାଇଁ ଓ ଆଗାମୀ ଦିନରେ ସଂଗ୍ରାମୀ ବୀରସୁନା ଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ କରିବା ପାଇଁ ସଭାସ୍ଥଳରେ ମତପ୍ରକାଶ ପାଇଥିଲା । ବରିଷ୍ଠ ସମ୍ବାଦିକ କୁନା ବାଗ ମଞ୍ଚ ପରିଚାଳନା କରିଥିବାବେଳେ ବିରେନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ରାମ ବାଗ, ଶ୍ୟାମ କୁମ୍ଭାର, ଦାମ କୁମ୍ଭାର, କାହ୍ନୁ କାଲସାଏ, ଜଗଦିଶ ବାରିକ, ପ୍ରେମାନନ୍ଦ ବାଗ, ଗୋବିନ୍ଦ କାଲସାଏ, ମହନ ଜାଲ, ବୀରସୁନା ଙ୍କ ପରିବାର ବର୍ଗ ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

# ଡିସେମ୍ବର ୨୫ରୁ ମଙ୍ଗଳା କପ ଆରମ୍ଭ




**କାକଟପୁର (ପିଏନ):**ପ୍ରତିବର୍ଷ ଭଳି ଚଳିତ ବର୍ଷ ପୁରୀଜିଲ୍ଲା କାକଟପୁରର ମା ମଙ୍ଗଳା ମିନି ଷ୍ଟାଡିୟମ ଠାରେ ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୨୫ ତାରିଖରେ ଆୟୋଜିତ ହେବାକୁ ଯାଉଛି ୩୪ତମ ରାଜ୍ୟସ୍ତରୀୟ ମଙ୍ଗଳା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ । ଏଥିପାଇଁ ରବିବାର ଦିନ ଆୟୋଜକ କ୍ଲବ ପକ୍ଷରୁ ଏକ ପ୍ରେସମିଟ ସ୍ଥାନୀୟ ଖୁଣ୍ଟିଆ କନଭେନ୍ସନ ଠାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଡିସେମ୍ବର ୨୫ ତାରିଖରେ ଉଦଘାଟିତ ହୋଇ ଜାନୁଆରୀ ୭ ତାରିଖରେ ଉଦଯାପନ ହେବବୋଲି କ୍ଲବର ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ ପ୍ରକାଶ କରିଛନ୍ତି । ଉକ୍ତ ଟୁର୍ଣ୍ଣାମେଣ୍ଟ ରେ ମୋଟ ୮ଟି ଦଳ ଭାଗ ନେବାକୁ ଥିବାବେଳେ ଚମ୍ପିୟାନ ଦଳକୁ ୪୧ ହଜାର ୪୪୧ ଟଙ୍କା ଏବଂ ରନର୍ସ ଦଳକୁ ୨୧ ହଜାର ୨୨୧ ଟଙ୍କା ପୁରସ୍କାର ରାଶି ଦିଆଯିବା ସହିତ ୩୦ ଓଭର ବିଶିଷ୍ଟ ଉକ୍ତ ମ୍ୟାଚରେ ସମସ୍ତ ଖେଳାଳି ଧଳା ଡ୍ରେସ ପରିଧାନ କରି ଏସଜି ଡିଉଜ ବଲରେ ଖେଳିବେ ବୋଲି ଆୟୋଜକ କ୍ଲବର ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ଦୀକ୍ଷିତ ସୂଚନା ଦେଇଛନ୍ତି ।ଅନ୍ୟ ମାନଙ୍କ ମଧ୍ୟରେ କ୍ଲବର ବରିଷ୍ଠ ଉପଦେଷ୍ଟା ତୁଷାର ରଞ୍ଜନ ଦୀକ୍ଷିତ,ମ୍ୟାନେଜର ଭାଗବତ ସ୍ୱାଇଁ,କୋଷାଧକ୍ଷ ଇଂ ସୂର୍ଯ୍ୟକାନ୍ତ ଦୀକ୍ଷିତ,ସୁଶାନ୍ତ ଦାଶ, ସଞ୍ଜୟ ସାମଲ,କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

# ଆଜିଠୁ ଫ୍ଲେୟାର ରାଇଟିଂ ଇଣ୍ଡଷ୍ଟ୍ରିଜ୍‌ର ଇନିସିଆଲ ପବ୍ଲିକ୍ ଅଫର




**ଭୁବନେଶ୍ୱର:** ଫ୍ଲେୟାର ରାଇଟିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଇନିସିଆଲ ପବ୍ଲିକ୍ ଅଫର ୨୦୨୩ ନଭେମ୍ବର ୨୨ ବୁଧବାର ଦିନ ଖୋଲିବ। ଏହି ଅଫରରେ ୫୯୩ କୋଟି ଟଙ୍କା ସଂଗ୍ରହ କରିବା ଯୋଜନା ରହିଛି। ଏଥିରେ ୨୯୨ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ "ଅଫର ଫର ସେଲ୍"ରେ ଅଂଶଧନକାରୀମାନେ ୩୦୧ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ। ବୁକ୍ ରନିଂ ଲିଡ୍ ମ୍ୟାନେଜରମାନଙ୍କ ସହ ଆଲୋଚନା କରି ନଭେମ୍ବର ୧୦ ତାରିଖ ଦିନ ୭୩ କୋଟି ଟଙ୍କାର ୨,୪୦୧,୩୧୫ ଇକ୍ୱିଟି ସେୟାରର ପ୍ରି-ଆଇପିଓ ପ୍ଲେସମେଂଟ୍ କରାଯିବ।

ଏହି ଅଫରରେ ଇକ୍ୱିଟି ସେୟାରର ମୂଲ୍ୟ ୨୮୮ ଟଙ୍କାରୁ ୩୦୪ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ସର୍ବନିମ୍ନ ୪୯ଟି ଇକ୍ୱିଟି ସେୟାର ପାଇଁ ବିଡ୍ ଦାଖଲ କରାଯାଇପାରିବ ଏବଂ ଏହା ପରେ ୪୯ଟି ଲେଖାଏଁ ଇକ୍ୱିଟି ସେୟାର ଗୁଣିତକ ଭାବେ ଯୋଡ଼ାଯାଇପାରିବେ।ଆଙ୍କର ନିବେଶକମାନେ ଅଫର ଖୋଲିବାର ଗୋଟିଏ ଦିନ ପୂର୍ବରୁ ୨୦୨୩ ନଭେମ୍ବର ୨୧ ମଙ୍ଗଳବାର ବିଡ୍ ଦାଖଲ କରିପାରିବେ। ଏହି ଅଫର ୨୦୨୩ ନଭେମ୍ବର ୨୨ରେ ଖୋଲିବ ଓ ୨୦୨୩ ନଭେମ୍ବର ୨୪ରେ ବନ୍ଦ ହେବ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗ୍ରହ ହେବ ସେଥିରୁ(କ) ଗୁଜରାଟର ଭଲସାଡ୍ ଜିଲ୍‌ଲାରେ ଏକ ନୂଆ ଲିଖନ ଉପକରଣ କାରଖାନା ସ୍ଥାପନରେ୫୫.୯୯ କୋଟି ଟଙ୍କା, (ଖ) କଂପାନି ଓ ଏହା ସହାୟକ ସଂସ୍ଥା ଫ୍ଲେୟାର ରାଇଟିଂ ଇକ୍ୟୁଇପମେଂଟ୍ ପ୍ରାଇଭେଟ୍ ଲିମିଟେଡ୍‌ର କାର୍ଯ୍ୟକାରୀ ପୁଞ୍ଜି ପାଇଁ ୮୬.୭୫ କୋଟି ଟଙ୍କ, (ଗ) କଂପାନି ଓ ଏହାର ସହାୟକ ସଂସ୍ଥା ଏଫ୍‌ଡବ୍ଲୁଇପିଏଲ୍ ଓ ଫ୍ଲେୟାର ସାଇରୋସିଲ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ ପାଇଁ ୭୭ କୋଟି ଟଙ୍କା, (ଘ) ଋଣ ଆଗୁଆ ପରିଶୋଧ/ ପରିଶୋଧ ପାଇଁ ୪୩ କୋଟି ଟଙ୍କା ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରାଯିବ। ଅଫର ଫର ସେଲ୍‌ରେ ଖୁବିଲାଲ ଯୁଗରାଜ ରାଠୋର ୫୧.୪୦ କୋଟି ଟଙ୍କା, ବିମଳଚନ୍ଦ ଯୁଗରାମ ରାଠୋର ୩୯.୬୫ କୋଟି ଟଙ୍କା, ରାଜେଶ ଖୁବିଲାଲ ରାଠୋର ୩୨.୩୦ କୋଟି ଟଙ୍କା, ମୋହିତ ଖୁବିଲାଲ ରାଠୋର ୩୨.୩୦ କୋଟି ଟଙ୍କା, ସୁମିତ ରାଠୋର ୩୨.୩୦ କୋଟି ଟଙ୍କା, ନିର୍ମଳା ଖୁବିଲାଲ ରାଠୋର ୩୨.୩୦ କୋଟି ଟଙ୍କା, ମଞ୍ଜୁଲା ବିମଳଚନ୍ଦ ରାଠୋର ୩୨.୩୦ କୋଟି ଟଙ୍କା, ସାଲିନି ମୋହିତ ରାଠୋର ୧୬.୧୫ କୋଟି ଟଙ୍କା, ସଙ୍ଗୀତା ରାଜେଶ ରାଠୋର ୧୬.୧୫ କୋଟି ଟଙ୍କା ଏବଂ ସୋନାଲ ସୁମିତ ରାଠୋର ୧୬.୧୫ କୋଟି ଟଙ୍କାର ସେୟାର ବିକ୍ରି କରିବେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS /ASTROLOGERS /VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁରରେ ଆୟୋଜନ କଲା ବାର୍ଷିକ ଏନ୍‌ଭାଇରନ୍‌ମେଣ୍ଟ କମ୍ ମିନେରାଲ ଆୱାରନେସ୍ ପ୍ରୋଗ୍ରାମ୍



**ଭୁବନେଶ୍ୱର :** ଏକ ଅଗ୍ରଣୀ ଭାରତୀୟ ସିମେଣ୍ଟ ଉତ୍ପାଦନକାରୀ ତଥା ଡାଲମିଆ ଭାରତ ଲିମିଟେଡ (ଡିବିଏଲ୍)ର ସହଯୋଗୀ କମ୍ପାନୀ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ (ଡିସିବିଏଲ୍) ଭୁବନେଶ୍ୱରସ୍ଥିତ ସୋସାଇଟି ଅଫ୍ ଜିଓସାଇଣ୍ଟିଷ୍ଟସ୍ ଆଣ୍ଡ ଆଲାଏଡ ଟେକ୍‌ନୋଲୋଜିଷ୍ଟସ୍ (ଏସ୍‌ଜିଏଟି) ସହଯୋଗିତାରେ ଏବଂ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ସହିତ ମିଳିତ ଭାବରେ ରାଜଗାଙ୍ଗପୁରସ୍ଥିତ ଡାଲମିଆ ବିଦ୍ୟା ମନ୍ଦିର ସ୍କୁଲଠାରେ ପରିବେଶ-ତଥା-ଖଣିଜ ସଚେତନତା କାର୍ଯ୍ୟକ୍ରମ (ଇଏମ୍‌ଏପି) ଆୟୋଜନ କରିଥିଲା। ରାଜ୍ୟର ଖଣିଜ ସମ୍ପଦ ଥିବା ଅଞ୍ଚଳରେ ବାସ କରୁଥିବା ଜନସାଧାରଣ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସଂରକ୍ଷଣ ପ୍ରତି ସଚେତନତା ସୃଷ୍ଟି ଏବଂ ଦୀର୍ଘସ୍ଥାୟୀ ଖଣିଜ ବିକାଶ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ବୀରମିତ୍ରପୁର-ଲାଞ୍ଜିବେର୍ଣ୍ଣା-ଗୋମୋରଡିହି-ରାଜଗାଙ୍ଗପୁର ଅଞ୍ଚଳର ୧୯ଟି ବିଦ୍ୟାଳୟରୁ ମୋଟ ୩୮ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶ୍ରୀ ଚେତନ ଶ୍ରୀବାସ୍ତବ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ୍ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏବଂ ଶ୍ରୀ ରାଜନ କୁମାର ସାହୁ, ମାଇନିଂ ଅଫିସର, ରାଉରକେଲା ମାଇନିଂ ସର୍କଲ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହିତ ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ଗୁରୁ ଚରଣ ଦାସ, ପ୍ରାକ୍ତନ ନିର୍ଦ୍ଦେଶକ, ଜିଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ, ଶ୍ରୀ ସୁଜିତ କୁମାର ମହାନ୍ତି, ପ୍ରାକ୍ତନ ମ୍ୟାନେଜର-ଜିଓଲୋଜି, ବେଦାନ୍ତ ଲିମିଟେଡ, ଶ୍ରୀ ଓମ୍‌ପ୍ରକାଶ ରାମରାଓଜୀ ଖେଲକର୍, ମାଇନ୍ସ ହେଡ୍, ଡିସିବିଏଲ, ଡଃ. ଉଦୟନାଥ ସାହୁ, ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର-ଜିଓଲୋଜି, ଡିସିବିଏଲ୍ ଏବଂ ଶ୍ରୀ ଜୟଦେବ କର, ପ୍ରିନ୍ସିପାଲ, ଡାଲମିଆ ବିଦ୍ୟା ମନ୍ଦିର, ରାଜଗାଙ୍ଗପୁର, ଶ୍ରୀ ଦେବବ୍ରତ ପ୍ରଧାନ, ଡାଲମିଆ ଶିଳ୍ପ ତାଲିମ କେନ୍ଦ୍ର (ଡିଆଇଟିଆଇ)ର ଅଧକ୍ଷଙ୍କ ସହିତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଇନୋ ପକ୍ଷରୁ ଇନୋ ଚିୱି ବାଇଟ୍‌ସର ଶୁଭାରମ୍ଭ

**ଭୁବନେଶ୍ୱର:** ହାଲିଅନ୍ (ପୂର୍ବରୁ ଗ୍ଲାକ୍ସୋସ୍ମିଥ୍‌କ୍ଲାଇନ୍ କଞ୍ଜ୍ୟୁମର ହେଲ୍‌ଥକେୟାର ଭାବେ ପରିଚିତ)ର ଏକ ଅଗ୍ରଣୀ ଡାଇଜେଷ୍ଟିଭ୍ ବ୍ରାଣ୍ଡ ଇନୋ ଭାରତରେ ଏହାର ପ୍ରଥମ ଧରଣର ଚିୱେବୁଲ୍ ଆଂଟାସିଡ୍ 'ଇନୋ ଚିୱି ବାଇଟ୍‌ସ୍'ର ଶୁଭାରମ୍ଭ ଘୋଷଣା କରିଛି । ଏହା ଦୁଇଟି ସ୍ୱାଦିଷ୍ଟ ଫ୍ଲେଭର ଟ୍ୟାଙ୍ଗି ଲେମନ୍ ଓ ଜେଷ୍ଟି ଅରେଞ୍ଜରେ ଉପଲବ୍ଧ ହେଉଛି। ନୂଆ ଇନୋ ଚିୱି ବାଇଟ୍‌ସ ହେଉଛି ଏକ ଉଦ୍ଭାବନ ଯାହାକୁ ବାହାରେ ଖାଇବାର ବର୍ଦ୍ଧିତ ଅଭ୍ୟାସ ଭଳି ଆଧୁନିକ ଜୀବନଶୈଳୀ ପାଇଁ ନିର୍ମାଣ କରାଯାଇଛି। ଏବେ ଏୟାରପୋର୍ଟ ହେଉ କିମ୍ବା ଷ୍ଟେଶନ, ରେଷ୍ଟୁରାଂଟ୍ କିମ୍ବା ମଲ୍ ଯେଉଁଠାରେ ବି ଆସିଡିଟି ହେଲେ, ଏହି ନୂଆ ସ୍ୱାଦିଷ୍ଟ ଚିୱି ବାଇଟ୍‌ସକୁ ଚୋବାନ୍ତୁ ଏବଂ ଇନୋର ବିଶ୍ୱସନୀୟ ଦ୍ରୁତ ଓ ପ୍ରଭାବୀ ଆରାମ ପାଆନ୍ତୁ। ଇନୋ ଚିୱି ବାଇଟ୍‌ସରେ ପ୍ରାକୃତିକ ଉପାଦାନ ରହିଛି ଯାହା ଖାଟିକା ଚୂର୍ଣ୍ଣର ୧୦୦୦ ଏମ୍‌ଜିର ଶକ୍ତି ବହନ କରୁଛି, ଯାହା କେବଳ ୧ ମିନିଟ୍‌ରେ ଆସିଡିଟି ଉପରେ କାମ କରିଥାଏ। ଇନୋ ଚିୱି ବାଇଟ୍‌ସ ପେଟ ପାଇଁ ଅନୁକୂଳ ଅଟେ ଏବଂ ଏହାକୁ ଉଭୟ ବୟସ୍କ ବ୍ୟକ୍ତି ଏବଂ ୧୨ ବର୍ଷରୁ ଅଧିକ ବୟସର ପିଲାମାନେ ସେବନ କରିପାରିବେ। ଏହା ୩ଟି ଏସ୍‌କେୟୁ- ସିଙ୍ଗଲ୍‌ସ ପିଲୋ ପାଉଚ୍, ୧୦ଟିର ପ୍ୟାକ୍ ଓ ୩୦ଟିର ପ୍ୟାକ୍‌ରେ ଉପଲବ୍ଧ ହେଉଛି। ବୈପ୍ଳବିକ ନୂଆ ଉତ୍ପାଦ ଇନୋ ଚିୱି ବାଇଟ୍‌ସକୁ ଜୀବନ୍ତ କରୁଥିବା ଟିଭି, ପ୍ରି ଓ ସୋସିଆଲ ମିଡିଆ କମ୍ୟୁନିକେଶନକୁ ସମସ୍ତ ପ୍ରମୁଖ ଚ୍ୟାନେଲ ଓ ପବ୍ଲିକେଶନରେ ଲାଇଭ୍ କରାଯିବ। ଏହି ଟିଭିସିକୁ ଓଗ୍ଲିଭାଏ ଓ ମାଥର୍, ଇଣ୍ଡିଆ ଦ୍ୱାରା ପରିକଳ୍ପନା କରାଯାଇଥିବା ବେଳେ ୟୁବିକ୍ ଫିଲ୍ମସର ନିର୍ଦ୍ଦେଶକ ସୁର୍‌ଜୋ ଦେବଙ୍କ ଦ୍ୱାରା ବିକଶିତ କରାଯାଇଛି।

# ବଜାଜ ଫିନ୍‌ସର୍ଭ ଆସେଟ ମ୍ୟାନେଜ୍‌ମେଣ୍ଟ ପ୍ରଚଳନ କରୁଛି ବାଲାନ୍ସଡ୍ ଆଡ୍‌ଭାଣ୍ଟେଜ ଫଣ୍ଡ୍

ମୁମ୍ବଇ/ପୁନେ : ବଜାଜ ଫିନ୍‌ସର୍ଭ ଆସେଟ୍ ମ୍ୟାନେଜମେଣ୍ଟ ଡେରିଭେଟିଭ୍ ଏବଂ ଫିକ୍ସଡ ଇନ୍‌କମ୍ ଇନ୍‌ଷ୍ଟ୍ରୁମେଣ୍ଟ ସମେତ ଇକ୍ୱିଟି ଓ ଇକ୍ୱିଟି ସମ୍ପର୍କିତ ନିବେଶ କରିବାକୁ ଇଛା କରୁଥିବା ନିବେଶକଙ୍କ ନିମନ୍ତେ ଉପଯୋଗୀ ଏକ ଓପନ୍-ଏଣ୍ଡେ ଡାଇନାମିକ୍ ଆସେଟ ଆଲୋକେସନ୍ ଫଣ୍ଡ- ବଜାଜ ଫିନ୍‌ସର୍ଭ ବାଲାନ୍ସଡ୍ ଆଡ୍‌ଭାଣ୍ଟେଜ ଫଣ୍ଡ୍ (ବିଏଏଫ୍) ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି।

ବଜାଜ ଫିନ୍‌ସର୍ଭ ବିଏଏଫ୍ ଏକ ଅନନ୍ୟ ନିବେଶ ମଡେଲକୁ ଉପଯୋଗ କରୁଛି ଯେଉଁଥିରେ ବିହେଭିୟରାଲ୍ ସାଇନ୍ସ ଏବଂ ଫାଇନାନ୍‌ସିଆଲ ଇନ୍‌ସାଇଟ୍ସର ସମ୍ମିଶ୍ରଣ ରହିଛି। ଏହି ଆସେଟ୍ ଆଲୋକେସନ କୌଶଳକୁ ବ୍ୟବହାର କରି ନିବେଶକମାନେ ବଜାର ଅସ୍ଥିର ସ୍ଥିତିରେ ଆଗକୁ ବଢିବା ଏବଂ ସେମାନଙ୍କର ରିଟର୍ଣ୍ଣ ସର୍ବାଧିକ ସ୍ତରରେ ପହଞ୍ଚାଇବାକୁ ଫାଇଦା ଲୋଡିପାରିବେ। ପାଣ୍ଠି ଆବଣ୍ଟନ ନିମନ୍ତେ କେବଳ ପରିମାଣଗତ ମଡେଲକୁ ବ୍ୟବହାର କରିବା ଅପେକ୍ଷା ବଜାଜ ଫିନ୍‌ସର୍ଭ ଏଏମ୍‌ସି ନିବେଶକାରୀ ଟିମ୍ ଆଚରଣଗତ ଦିଗକୁ ମଧ୍ୟ ତର୍ଜମା କରିଥାନ୍ତି, ଯାହା ନିବେଶକଙ୍କୁ ଦୀର୍ଘାବଧି ସୂତ୍ରରେ ଉତ୍ତମ ରିଟର୍ଣ୍ଣ ଦେବାରେ ସହାୟତା କରିପାରିବ।ପାରମ୍ପରିକ ଭାବରେ ଆଭିମୁଖ୍ୟ ହେଉଛି ମୌଳିକ ଦିଗଗୁଡିକୁ, ଅତୀତର ପ୍ରଦର୍ଶନ ଏବଂ ପରିମାଣଗତ ମଡେଲକୁ ଅନୁସରଣ କରି ଆସେଟ୍ ଆବଣ୍ଟନ ରଣକୌଶଳ ସ୍ଥିର କରିବା। ତେବେ ବଜାଜ ଫିନ୍‌ସର୍ଭ ଏଏମ୍‌ସିର ନିବେଶ ଟିମ୍ ଆସେଟ୍ ଆବଣ୍ଟନ ଏବଂ ନିବେଶ ସମୟ ନିର୍ଦ୍ଧାରଣ ନିମନ୍ତେ ବିହେଭିୟରାଲ୍ ସାଇନ୍ସ ମଡେଲ ବ୍ୟବହାର କରିବାରେ ମଧ୍ୟ ବିଶ୍ୱାସ ରଖନ୍ତି।

# ସାଭ୍‌ଲନ୍ ସ୍ୱସ୍ଥ ଇଣ୍ଡିଆ ମିଶନର ନୂଆ ସଙ୍ଗୀତ 'ହାଥ୍ ଧୋନା କୁଲ୍ ହୈ'




**ଭୁବନେଶ୍ୱର :** ସାଭ୍‌ଲନ୍ ସ୍ୱସ୍ଥ ଇଣ୍ଡିଆ ମିଶନ 'ହାଥ୍ ଧୋନା କୁଲ୍ ହୈ' ନାମକ ଏକ ସଙ୍ଗୀତ ଉପସ୍ଥାପନ କରିବା ଲାଗି ଦ ଧାରାବି ଡ୍ରିମ୍ ପ୍ରୋଜେକ୍ଟର ପ୍ରତିଭାଶାଳୀ ପିଲାମାନଙ୍କୁ ଓ ଲୋକପ୍ରିୟ ରାପ୍ କଳାକାର ଏମିୱେ ବଂଟାଇଙ୍କୁ ଏକତ୍ରିତ କରିଛି। ଏହା ହେଉଛି ଏକ ସଙ୍ଗୀତ ଯାହା ଭାରତର ପିଲାମାନଙ୍କ ମଧରେ ହାତ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ପାଇଁ ହିପ୍‌ହପ୍ ସଂସ୍କୃତିରୁ ପ୍ରସ୍ତୁତ ହୋଇଛି। 'ହାତ ଧୋଇବା ରୋଗଗୁଡିକର ସଂକ୍ରମଣ ଓ ବିସ୍ତାରକୁ ରୋକିବା ପାଇଁ ଏକ ସାର୍ବଜନିନ ଅଭ୍ୟାସ ଅଟେ' ଏହି ବାର୍ତ୍ତାକୁ ବ୍ୟାପକ କରିବା ପାଇଁ ସାଭ୍‌ଲନ୍ ସ୍ୱସ୍ଥ ଇଣ୍ଡିଆ ମିଶନ, ଦ ଧାରାବି ଡ୍ରିମ୍ ପ୍ରୋଜେକ୍ଟ ସହିତ ନିଜର ପ୍ରଥମ ସହଭାଗିତାରେ ସେମାନଙ୍କର ପିଲାମାନଙ୍କୁ କମ୍ୟୁନିଟି ଚେଞ୍ଜ ଆମ୍ବାସାଡର୍ ଭାବେ ପ୍ରୋତ୍ସାହିତ ଓ ସଶକ୍ତ କରିଛି। ମୁମ୍ବାଇର ଏକ ଅଣଲାଭକାରୀ ସଂସ୍ଥା ଦ ଧାରାବି ଡ୍ରିମ୍ ପ୍ରୋଜେକ୍ଟ ଆଫ୍ଟର ସ୍କୁଲ ଅଫ୍ ହିପ୍-ହପ୍ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ, ମେଂଟରସିପ୍ ଓ ସମୁଦାୟ ଯୋଗଦାନ ମାଧ୍ୟମରେ ମୁମ୍ବାଇର ଧାରାବିରେ ବାସ କରୁଥିବା ପିଲାମାନଙ୍କୁ ସହଯୋଗ କରୁଛି। କିଙ୍ଗ୍ ଅଫ୍ ଦ ଷ୍ଟ୍ରିଟ୍‌ସ ଭାବେ ପରିଚିତ ଏମିୱେ ବଂଟାଇ ସାଭ୍‌ଲନ୍ ସ୍ୱସ୍ଥ ଇଣ୍ଡିଆ ମିଶନ ପାଇଁ ଏହି ହ୍ୟାଣ୍ଡୱାଶ ଆନ୍ଥେମ୍‌କୁ ଲେଖିଛନ୍ତି ଓ ପ୍ରସ୍ତୁତ କରିଛନ୍ତି। ସାଭ୍‌ଲନ୍ ସ୍ୱସ୍ଥ ଇଣ୍ଡିଆ ମିଶନ ଆଜିର ଯୁବପିଢିଙ୍କ ସାଂସ୍କୃତିକ ବାସ୍ତବତା କ୍ଷେତ୍ରରେ ନିଜର ଅଭିନବ ଯୋଗାଯୋଗକୁ ନିମଜ୍ଜିତ କରିଥିବାରୁ, ଏମିୱେ ବଂଟାଇଜ୍ ଓ ଦ ଧାରାବି ଡ୍ରିମ୍ ପ୍ରୋଜେକ୍ଟର ନୂଆ ଟ୍ରାକ୍ ହାଥ୍ ଧୋନା କୁଲ୍ ହୈକୁ ଦେଖନ୍ତୁ ଓ ସେଥିରେ ଝୁମନ୍ତୁ।'

## ହାତୀ ମାରିବାରେ ଯୁବକ ମୃତ

**ହିନ୍ଦୋଳ (ପିଏନ):**ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସିର ୧୫ୱାର୍ଡ ମାଟିଆଶାଇର ନାରାୟଣ ନାଏକ ବୟସ ୫୮ବର୍ଷ ପିତା ସ୍ୱର୍ଗତ ଅର୍ଜୁନ ନାଏକ ଆଜି ସନ୍ଧ୍ୟା ସମୟରେ ହାତୀ ଆକ୍ରମଣ କରିବା ଦ୍ୱାରା ତାଙ୍କୁ ହିନ୍ଦୋଳ ମେଡିକାଲ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହିନ୍ଦୋଳ ରେଞ୍ଜର ଲୋହିତ ରଥ ଘଟଣା ଘଟଣା ସ୍ଥଳରେ ପହଂଚି ତନାଘନା ଜାରିରଖିଛନ୍ତି । ସେହି ଲୋକକୁ ହାତୀ କିପରି ମାରିଲା ସେହି ବାବଦରେ ରେଞ୍ଜର ଲୋହିତ ରଥ ତନାଘନା ଜାରିରଖିଛନ୍ତି । ବନବିଭାଗ ତାଙ୍କ ଡିଉଟି ଠିକରେ କରୁଛନ୍ତି । କେତେବେଳେ ହାତୀ ମାରୁଛି ମନୁଷ୍ୟକୁ ଆଉ କେତେବେଳେ ହାତୀ ମରିଯାଉଛି ଏଥିରେ ବନବିଭାଗ କଣ କରିବ ।

## ସୁବ୍ରତ ରୟଙ୍କୁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,: ସାହାରା ଗ୍ରୁପ୍ ମୁଖ୍ୟ ସୁବ୍ରତ ରୟଙ୍କର ଗତ ନଭେମ୍ବର ୧୪ ତାରିଖରେ ହୃଦ୍‌ଘାତରେ ଦେହାନ୍ତ ଘଟିଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ ଓ ମୁମ୍ବାଇ ସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନି ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ପରେ ସୁବ୍ରତ ରୟଙ୍କ ମରଶରୀରକୁ ନଭେମ୍ବର ୧୫ ତାରିଖରେ ଲକ୍ଷ୍ନୌ ଅଣାଯାଇଥିଲା ଯେଉଁଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶେଷ ସମୟରେ ସୁବ୍ରତଙ୍କ ନିକଟରେ ତାଙ୍କ ପତ୍ନୀ ସ୍ୱପ୍ନା ରୟ ତାଙ୍କ ଉପସ୍ଥିତ ଥିଲେ। ସେହିପରି ଅନ୍ତିମ ସଂସ୍କାରରେ ତାଙ୍କ ପରିଜନ ଓ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସମେତ ଦେଶର ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସୁବ୍ରତ ରୟଙ୍କ ଦେହାନ୍ତ ପରେ ଦେଶର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋସିଆଲ ମିଡିଆରେ ଲେଖିଛନ୍ତି, ସାହାରା ଗ୍ରୁପ୍ ପ୍ରମୁଖ ଶ୍ରୀ ସୁବ୍ରତ ରୟଙ୍କ ଦେହାନ୍ତ ଅତ୍ୟନ୍ତ ଦୁଃଖଦାୟକ ଅଟେ। ପ୍ରଭୁ ଶ୍ରୀରାମଙ୍କ ନିକଟରେ ପ୍ରାର୍ଥନା କରୁଛି, ଏହି ଦିବଙ୍ଗତ ଆତ୍ମାଙ୍କୁ ନିଜ ଶ୍ରୀ ଚରଣରେ ସ୍ଥାନ ଦିଅନ୍ତୁ ଏବଂ ଶୋକଗ୍ରସ୍ତ ପରିଜନଙ୍କୁ ଏହି ଦୁଃଖ ସହିବାକୁ ଶକ୍ତି ଦିଅନ୍ତୁ।' ଉତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ମଧ୍ୟ ସୋସିଆଲ ମିଡିଆ ମାଧ୍ୟମରେ ସୁବ୍ରତ ରୟଙ୍କ ନିଧନ ଉପରେ ଶୋକବ୍ୟକ୍ତ କରିଛନ୍ତି। ସୁବ୍ରତ ରୟଙ୍କ ନିଧନ ଉତରପ୍ରଦେଶ ଓ ଦେଶ ପାଇଁ ଭାବନାତ୍ମକ କ୍ଷତି ଅଟେ ବୋଲି ସେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।

# ସହୀଦ ଲକ୍ଷ୍ମଣ ନାୟକ

**ସୌର ଚନ୍ଦ୍ର ମହାପାତ୍ର**



ଓଡ଼ିଆ ମାଟିର ସୁଯୋଗ୍ୟ ସନ୍ତାନ ଭାରତ ମାତାର ବୀର ପୁତ୍ର ସହୀଦ ଲକ୍ଷ୍ମଣ ନାୟକ ଦେଶର ସ୍ୱାଧୀନତା ପାଇଁ ନିଜ ପ୍ରାଣବଳୀ ଦେଇଥିଲେ । ସେ ୧୮୯୯ ମସିହା ନଭେମ୍ବର ୨୨ ତାରିଖରେ ମାଲକାନାଗିରି ଜିଲ୍ଲାର ତେନ୍ତୁଳିଗୁମ୍ମା ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ଥିଲେ ପଡ଼ଲମ ନାୟକ । ପଡ଼ଲମ୍ ଆଦିବାସୀ ମୁଖିଆ ଥିଲେ । ଇଂରେଜ ଶାସନାଧୀନ ମାଡ୍ରାସ ପ୍ରେସିଡ଼େନ୍ସି ଅଧିନରେ ଥିବା ଜୟପୁର ସମସ୍ଥାନମ୍‌ର ମୁସ୍ତାଦର ଭାବେ ନିଯୁକ୍ତ ଦିଆଯାଇଥିଲା ପଡ଼ଲମ୍‌ଙ୍କୁ । ପିଲାଦିନୁ ପିତା ସହ ରହି ବ୍ରିଟିଶ ସରକାରର ଅତ୍ୟାଚାରକୁ ଅତି ନିକଟରୁ ଦେଖିଥିଲେ ଲକ୍ଷ୍ମଣ । ସ୍ଥାନୀୟ ଆଦିବାସୀଙ୍କ ଉପରେ ବିଦେଶୀ ସରକାରର ଅତ୍ୟାଚାର ଗଭୀର ଭାବେ ବ୍ୟଥିତ କରିଥିଲା ଲକ୍ଷ୍ମଣଙ୍କୁ । ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ଲକ୍ଷ୍ୟ ନେଇ ବୀର ଲକ୍ଷ୍ମଣ ଭାରତୀୟ ଜାତୀୟ କଂଗ୍ରେସରେ ସାମିଲ ହୋଇଥିଲେ । ସେ ଗାନ୍ଧିଙ୍କ ସତ୍ୟ, ଅହିଂସା ଆନ୍ଦୋଳନର ଦୃଢ଼ ସମର୍ଥକ ଥିଲେ । ପ୍ରୌଢ଼ ଶିକ୍ଷା ଏବଂ ମଦ ବିରୋଧୀ ଆନ୍ଦୋଳନ ଚଳାଇ ଉପାନ୍ତ ଆଦିବାସୀ ଅଞ୍ଚଳରେ ବ୍ୟାପକ ସାମାଜିକ ପରିବର୍ତ୍ତନ ଆଣିପାରିଥିଲେ । ଭାରତ ଛାଡ଼ ଆନ୍ଦୋଳନରେ ଉଦ୍‌ବୁଦ୍ଧ ହୋଇ ୧୯୪୨ ଅଗଷ୍ଟ ୨୧ ତାରିଖରେ ଲକ୍ଷ୍ମଣ ମାଲକାନାଗିରିର ମାଥିଲି ପୋଲିସ୍ ଷ୍ଟେସନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଚଳାଇଥିବାବେଳେ ଅତ୍ୟାଚାରୀ ଇଂରେଜ ପୋଲିସ୍ ଆଖିବୁଜା ଗୁଳି ଚଳାଇଥିଲେ । ଏଥିରେ ୪୦ଜଣ ଆନ୍ଦୋଳନକାରୀଙ୍କ ପ୍ରାଣହାନୀ ଘଟିଥିଲା । ଏହାପରେ ଲକ୍ଷ୍ମଣ ନାୟକଙ୍କୁ ମିଥ୍ୟା ଅଭିଯୋଗରେ ଫସାଇ ଇଂରେଜ ସରକାର ଫାଶୀ ଦଣ୍ଡାଦେଶ ଦେଇଥିଲେ । ୧୯୪୩ ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲରେ ସହୀଦ ଲକ୍ଷ୍ମଣ ନାୟକଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଥିଲା ।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ ଡ଼ି, ସେକ୍ଟର-୬, କଟକ**



ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

पर्यवेक्षक

Bhubaneswar Wednesday Nov 22, 2023 ଭୁବନେଶ୍ୱର ବୁଧବାର, ନଭେମ୍ବର ୨୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ପୁଣି ଅଣଦେଖା ହେଲେ ଚହଲ, ଭୁବନେଶ୍ୱର

**ନୂଆଦିଲ୍ଲୀ,୨୧।୧୧:**ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ୫ମ୍ୟାଚ୍ ବିଶିଷ୍ଟ ଟି -୨୦ ସିରିଜ ଖେଳାଯିବ। ଏହା ୨୩ନଭେମ୍ବରରୁ ଆରମ୍ଭ ହେବ। ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ ଏହି ସିରିଜ ପାଇଁ ଦଳ ଘୋଷଣା କରିଛି । ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ କରାଯାଇଛି। କିଛି ଖେଳାଳିଙ୍କୁ ବାଦ ଦେଇ ଅଧିକାଂଶ ନୂତନ ଖେଳାଳିଙ୍କୁ ଏକ ସୁଯୋଗ ମିଳିଛି। ଯୁଜବେନ୍ଦ୍ର ଚହଲ ଏବଂ ଭୁବନେଶ୍ୱର କୁମାର ଦଳରେ ସ୍ଥାନ ପାଇନାହାଁନ୍ତି। ଏଠାରେ ଉଭୟଙ୍କୁ ପୁଣି ଥରେ ଅଣଦେଖା କରାଯାଇଛି ବୋଲି କୁହାଯାଉଛି ।ଚହଲ ଅଗଷ୍ଟ ୨୦୨୩ରେ ଟିମ ଇଣ୍ଡିଆ ପାଇଁ ତାଙ୍କର ଶେଷ ଟି -୨୦ ମ୍ୟାଚ୍ ଖେଳିଥିଲେ। ସେ ଭାରତୀୟ ଦଳ ସହିତ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇଥିଲେ। ଶେଷ ଓଡିଆଇ ମ୍ୟାଚ୍ ଜାନୁୟାରୀ ୨୦୨୩ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଖେଳାଯାଇଥିଲା। ସେବେଠାରୁ ଚହଲ ଟିମ ଇଣ୍ଡିଆ ବାହାରେ ଅଛନ୍ତି। ସେ ବିଶ୍ୱକପ ୨୦୨୩ଦଳରେ ମଧ୍ୟ ଅନ୍ତର୍ଭୁକ୍ତ ହୋଇନଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅଷ୍ଟ୍ରେଲିଆ ବିପକ୍ଷ ଟି -୨୦ ସିରିଜରେ ମଧ୍ୟ ଚହଲଙ୍କୁ ସ୍ଥାନ ମିଳିନାହିଁ। ଟିମ ଇଣ୍ଡିଆରେ ସ୍ଥାନ ନ ପାଇବା ପରେ ଚହଲ ଏକ୍ସରେ ଏକ ପୋଷ୍ଟ ଶେୟାର




କରିଛନ୍ତି। ଏଥିରେ ସେ କେବଳ ସ୍ମାଇଲ ତିଆରି କରିଛନ୍ତି। ଭୁବନେଶ୍ୱର କୁମାର ନଭେମ୍ବର ୨୦୨୨ରେ ଭାରତ ପାଇଁ ଶେଷ ଟି -୨୦ ମ୍ୟାଚ୍ ଖେଳିଥିଲେ। ଶେଷ ଓଡିଆଇ ମ୍ୟାଚ୍ ଜାନୁୟାରୀ ୨୦୨୨ରେ ଖେଳାଯାଇଥିଲା। ଯୁବରାଜ ମଧ୍ୟ ଦୀର୍ଘ ଦିନ ଧରି ଦଳ ବାହାରେ ରହିବାକରୁ ପୁଣି ଥରେ ଏହାକୁ ଅଣଦେଖା କରାଯାଇଛି। ନିକଟରେ ଘରୋଇ ମ୍ୟାଚ୍‌ରେ ସେ ଭଲ ପ୍ରଦର୍ଶନ କରିଛନ୍ତି। ୟୁପି ପାଇଁ ଖେଳୁଥିବା ବେଳେ ଭୁବନେଶ୍ୱର ପଞ୍ଜାବ ବିପକ୍ଷରେ ୨ ୱିକେଟ ନେଇଥିଲେ। ଗୁଜୁରାଟ ବିପକ୍ଷରେ ୩ ୱିକେଟ ନେଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜ ପାଇଁ ୱାଶିଂଟନ ସୁନ୍ଦର, ଶିବମ ଦୁବେ, ରବି ବିଷ୍ଣୋଇ, ଅର୍ଶଦୀପ ସିଂ, ପ୍ରସିଦ୍ଧ କୃଷ୍ଣା, ଅବେଶ ଖାନ ଏବଂ ମୁକେଶ କୁମାରଙ୍କ ଭଳି ନୂଆ ଖେଳାଳିଙ୍କୁ ଟିମ ଇଣ୍ଡିଆ ସୁଯୋଗ ଦେଇଛି।



ଏଆଇଏଫ୍ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ ଉଦ୍ଘାଟନ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

### ଡ. ହରେକୃଷ୍ଣ ମହତାବ ଜୟନ୍ତୀ ଉତ୍ସବ ସମାରୋହ

# କଳିଙ୍ଗକେଶରି ମହତାବଙ୍କ ଜୟନ୍ତୀରେ ଜାଗ୍ରହତ ହୁଅ ଓଡ଼ିଆ ପୁଅ : ବିଶ୍ୱଭୂଷଣ



**ଭୁବନେଶ୍ୱର(ପିଏନ):** ଆଜି ଭୁବନେଶ୍ୱର ଲୋୟର ପିଏମ୍‌ଜି ନିକଟରେ ଅନୁଷ୍ଠିତ ଡ. ହରେକୃଷ୍ଣ ମହତାବ ଜୟନ୍ତୀ ସମାରୋହ ଉତ୍ସବରେ ଛତିଶଗଡ଼ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥିଭାବେ ଯୋଗଦେଇ କଳିଙ୍ଗକେଶରୀଙ୍କ ଜୟନ୍ତୀରେ ସମସ୍ତ ଓଡ଼ିଶାବାସୀଙ୍କୁ ଜାଗ୍ରତ ହୋଇ ରାଜ୍ୟର ବିକାଶ ଦିଗରେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଛନ୍ତି। ଡ. ହରେକୃଷ୍ଣ ମହତାବ ଥିଲେ ନବ ଉତ୍କଳର ନିର୍ମାତା ଓ ସ୍ଥପତି। ଗଡ଼ଜାତ ରାଜ୍ୟଗୁଡ଼ିକୁ ମିଶ୍ରଣ କରିବାରେ ତାଙ୍କର ଭୂମିକା ଥିଲା ଅନନ୍ୟ ଓ ଅନ୍ୟତମ। ସ୍ୱାଧୀନ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କ କାର୍ଯ୍ୟର ପଟାନ୍ତର ନଥିଲା। ତାଙ୍କ କାର୍ଯ୍ୟକାଳରେ ଓଡ଼ିଶାର ରୂପରେଖ ବଦଳିଥିଲା ଓ ଓଡ଼ିଶାର ବହୁବିଧ ବିକାଶ ହୋଇଥିଲା। ଛାତ୍ରସମୟରେ ଦେଶକୁ ସ୍ୱାଧୀନ ଭାବରେ ଦେଖିବା ପାଇଁ ସ୍ନାତକ ପଢ଼ା ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇ ସ୍ୱାଧୀନଚେତନାର ବାର୍ତ୍ତା ସାଧାରଣ ଲୋକମାନଙ୍କ ପାଖରେ ପାଖରେ ପହଞ୍ଚାଇଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମର ଲଢ଼େଇରେ ଅନେକବାର କାରାବରଣ ଭୋଗିଥିଲେ। ମହତାବ ଇଂରେଜମାନଙ୍କ ବିରୋଧରେ ଲଢ଼େଇ କରିବା ପାଇଁ ଲୋକମାନଙ୍କ ଭିତରେ ଜାଗରଣ ସୃଷ୍ଟି କରିବା ପାଇଁ ପ୍ରଜାତନ୍ତ୍ର ନାମକ ଦୈନିକ ସମ୍ବାଦପତ୍ର ପକାଶ କରିଥିଲେ। ସ୍ୱାଧୀନତା ପରେ ଏହା ଲୋକପ୍ରିୟତା ହାସଲ କରିବା ସଂଗେ ସଂଗେ ଶାସନର ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପଦାରେ ପକାଇବାରେ ଅସ୍ତ୍ର ସଦୃଶ କାର୍ଯ୍ୟ କରୁଥିଲା ବୋଲି ରାଜ୍ୟପାଳ ଉକ୍ତ ସଭାକୁ ସଂବୋଧନ ଦେଇଥିଲେ। ମହତାବ ତାଙ୍କର ରାଜନୈତିକ ଜୀବନ ବ୍ୟତୀତ ସାହିତ୍ୟ, ସଂସ୍କୃତିର ବିକାଶ ଓ ସୁରକ୍ଷା ଦିଗରେ ଅନେକ କାର୍ଯ୍ୟ କରିଛନ୍ତି ଯାହାକି ତାଙ୍କୁ ଓଡ଼ିଶାବାସୀ ସବୁଦିନ ପାଇଁ ମନେରଖିବେ। ଓଡ଼ିଶା ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଓ ଓଡ଼ିଶାରେ ନୂଆ ନୂଆ ଲେଖକଙ୍କୁ ତିଆରି କରିବା ପାଇଁ ସେ 'ଝଙ୍କାର' ସାହିତ୍ୟ ପତ୍ରିକା ପ୍ରକାଶ କରୁଥିଲେ ଓ ସାହିତ୍ୟିକମାନଙ୍କୁ ଏକାଠି କରିବା ପାଇଁ ବାର୍ଷିକ ବିଷୁବ ମିଳନ ଉତ୍ସବ ପ୍ରସ୍ତୁତ କରୁଥିଲେ। ଏତଦ୍ ବ୍ୟତୀତ ଶିଳ୍ପ, ବାଣିଜ୍ୟ, ସଂସ୍କୃତିର ବିକାଶ ପାଇଁ ସେ ଥିଲେ ଓଡ଼ିଆଙ୍କ ଯୁଗପୁରୁଷ ବୋଲି ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଉକ୍ତ ଉତ୍ସବରେ ବିଭିନ୍ନ ସ୍ଥାନରୁ ଢ଼ାଲ, ତଲୱାର ଧରି ପାରମ୍ପାରିକ ବେଶପୋଷାକରେ ଆସିଥିବା ଶହ ଶହ ପାଇକମାନଙ୍କୁ ରାଜ୍ୟପାଳ ସେମାନଙ୍କ ପୂର୍ବପୂରୁଷଙ୍କ ଗୌରବ, ବୀରତ୍ୱ ଓ ଦିଗ୍‌ବିଜୟର କାହାଣୀ ବିଷୟରେ ମନେପକାଇଥିଲେ ଓ ତାଙ୍କୁ ସେମାନଙ୍କ ପରି ଅନ୍ୟାୟ ଓ ଅନୀତି ବରୋଧରେ ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ ଉତ୍ସବରେ ରାଜ୍ୟପାଳଙ୍କ ସମତେ ସମିତିର ସାଧାରଣ ସଂପାଦକ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ଦିଲ୍ଲୀପ୍ ଶ୍ରୀଚନ୍ଦନ, କମିଟି ସଭ୍ୟବୃନ୍ଧ ଓ ଶତାଧିକ ମହାତାବ ପ୍ରେମୀ ଉପସ୍ଥିତ ଥିଲେ।

# ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀ ପାଳିତ

**ପୁରୀ (ପିଏନ):** ଶହୀଦ ଜୟୀ ରାଜଗୁରୁ ଙ୍କ ଜୟନ୍ତୀ ଅବସରରେ ଆଜି ବିନମ୍ର ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ଜିଲ୍ଲା ପ୍ରଶାସନ,ସୂଚ଼ନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜନ୍ମ ସ୍ଥାନ ବୀର ହରେକୃଷ୍ଣପୁର ଛକ ନିକଟସ୍ଥ ପ୍ରତିମୂର୍ତ୍ତି ଓ ବୀର ହରେକୃଷ୍ଣପୁର ଗ୍ରାମରେ ଥିବା ଜୟୀ ଜୟୀ ରାଜଗୁରୁ ଙ୍କ ପ୍ରତିମୂର୍ତ୍ତି ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ,ସଦର ପୋଲିସ ଏସଡିପିଓ ରବି ନାରାୟଣ ଭଞ୍ଜ, ଜିଲ୍ଲା ସୂଚ଼ନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଜୟନ୍ତୀ କାର୍ଯ୍ୟକ୍ରମ ରେ ଯୋଗ ଦେଇ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ କରିଥିଲେ।



# ଛାତ୍ର ରଣ ହୁଙ୍କାର ସମାବେଶରେ ଯୋଗଦେଲେ ବାସୁଦେବପୁରରୁ ଶତାଧିକ ବିଦ୍ୟାର୍ଥୀ




**ବାସୁଦେବପୁର,(ପିଏନ):**ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଡାକରାରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେଉ ଥିବା ଛାତ୍ର ରଣ ହୁଙ୍କାର ସମାବେଶରେ ବାସୁଦେବପୁର ରୁ ଶତାଧିକ ବିଦ୍ୟାର୍ଥୀ ଯୋଗ ଦେବାକୁ ଭୁବନେଶ୍ୱର ଅଭିମୁଖେ ବାସୁଦେବପୁର ରୁ ଏକ ବସ୍ ଯୋଗେ ଯାଇଛନ୍ତି। ନଗର ସଭାପତି ପୁରୁଷୋତ୍ତମ ବେହେରା ଙ୍କ ସଂଯୋଜନା ରେ ଉପ ସଭାପତି ମନୋଜ ମଲ୍ଲିକ ଓ ପୁରାତନ କାର୍ଯ୍ୟ କର୍ତ୍ତା ପିତାମ୍ବର ପାତ୍ର ଙ୍କ ନେତୃତ୍ୱରେ ଶତାଧିକ ବିଦ୍ୟାର୍ଥୀ ଯୋଗ ଦେବାକୁ ଯାଇଛନ୍ତି। ବାସୁଦେବପୁର ର ବିଭିନ୍ନ ମହାବିଦ୍ୟାଳୟ ରୁ ଶତାଧିକ ବିଦ୍ୟାର୍ଥୀ ଯୋଗ ଦେଇ ଛନ୍ତି ବୋଲି ସୂଚ଼ନା ମିଳିଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674) 2550751/2555116, Fax No. : 2550504, E-mail :editorpbko@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray